

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୨ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ ସଂଖ୍ୟା-ଆଠ ■ Baleshwar ♦ SATURDAY 12 JULY 2025

Vol.No. 36 ■ No.183 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net

ସାରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି ବିଜେପି: ରାହୁଲ

■ବର୍ତ୍ତମାନର ସରକାର ଓଡ଼ିଶା ଲୋକଙ୍କର ସମ୍ପତ୍ତି ଲୁଟିବାରେ ଲାଗିଛନ୍ତି

■ଆଦାନିଙ୍କ ପାଇଁ ରଥକୁ ରୋକାଯାଇଥିଲା

■ଦଳର ଭିତିରି କଥା ଜାଣି ରାଗିଗଲେ ରାହୁଲ୍

■ଡ୍ରାଇଭର ଆନ୍ଦୋଳନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ୍



ଭୁବନେଶ୍ୱର, ୧୧/୭ (ନି.ପ୍ର): ରାଜ୍ୟ ସରକାରଙ୍କୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସିଧା ନିଶାନା। ଲୋକଙ୍କଠାରୁ ଚୋରି କରିବା କାମ ଏଠିକାର ସରକାର କରୁଛି, ପୂର୍ବରୁ ବିଜେଡି ସରକାର କରୁଥିଲା, ଆଉ ଏବେ ବର୍ତ୍ତମାନର ସରକାର। ଏଥିସହ ବିଜେପି ସମ୍ବିଧାନ ଉପରେ ହମଲା କରୁଛି ବୋଲି ଭୁବନେଶ୍ୱରରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇ ଏଭଳି ବର୍ଷିଛନ୍ତି ରାହୁଲ ଗାନ୍ଧି। ଏଥିସହ ଅନେକ ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ବର୍ଷିଛନ୍ତି ରାହୁଲ । ସରକାର ବିରୋଧରେ ଏହି ଲଢେଇ ଜନତାଙ୍କ ସହିତ ମିଶି ଜିତି ପାରିବ କଂଗ୍ରେସ। ମହାରାଷ୍ଟ୍ର ଭଳି ବିହାରରେ ଭୋଟର ଲିଷ୍ଟ ଚୋରି ହୋଇଛି। ସେହିପରି ଓଡ଼ିଶାରେ ଜଳ ଜଙ୍ଗଲ ଜମି ଆଦିବାସୀଙ୍କର ଥିଲା ତାହା ରହିବ। ପେସା ଆଇନ୍ ଲାଗୁ ନକରି ଆଦିବାସୀଙ୍କୁ ଏଠାରୁ ହଟେଇ ଦିଆଯାଉଛି। ଏମିତିକି ରଥଯାତ୍ରା ବେଳେ ଏକ ଡ୍ରାମା ହେଲା। ଆଦାନୀଙ୍କ ପରିବାର ପାଇଁ ରଥକୁ ଅଟକାଇ ଦିଆଗଲା। ▶▶ପୃଷ୍ଠା ୭

ଡବଲ ଇଞ୍ଜିନ ସରକାର ଧନୀଙ୍କ ପାଇଁ, ଗରିବଙ୍କୁ ଲୁଟୁଛି: ମଲିକାର୍ଜୁନ ଖାର୍ଗେ



ଭୁବନେଶ୍ୱର,୧୧।୭: କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେ ସମ୍ବିଧାନ ବଞ୍ଚାଅ ସମାବେଶରେ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କୁ ତୀବ୍ର ଆକ୍ରମଣ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଏହି ସରକାର ଗରିବଙ୍କ ପାଇଁ ନୁହେଁ, କେବଳ ଧନୀଙ୍କ ସ୍ୱାର୍ଥ ପାଇଁ କାମ କରୁଛି। ଖାର୍ଗେ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦିଙ୍କ ଲକ୍ଷ୍ୟ ହେଉଛି ଦେଶର ସମ୍ବିଧାନକୁ ସମାପ୍ତ କରିବା।" ଓଡ଼ିଶାରେ କଂଗ୍ରେସର ଅବଦାନକୁ ଉଜାଗର କରି ଖାର୍ଗେ କହିଛନ୍ତି, "ଓଡ଼ିଶାରେ ଯାହା ବି କିଛି ପ୍ରତିଷ୍ଠା ହୋଇଛି, ତାହା କଂଗ୍ରେସ କରିଛି। ଭୁବନେଶ୍ୱରରେ ଏମ୍ସ ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ କଂଗ୍ରେସର ଦେଣ। ଭାଜପାର ଅବଦାନ ଜିରୋ। ଏମାନେ ଏଠାରେ କିଛି କାମ କରିନାହାନ୍ତି, କେବଳ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି।" ସେ ଆହୁରି ଅଭିଯୋଗ କରିଛନ୍ତି ଯେ ▶▶ପୃଷ୍ଠା ୭

ଚାନ୍ଦିପୁରରେ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରେ 'ଅସ୍ତ୍ର'ର ସଫଳ ପରୀକ୍ଷଣ

ଚାନ୍ଦିପୁର, ୧୧/୭ (ନି.ପ୍ର): ଡିଆରଡିଓ ଏବଂ ଭାରତୀୟ ବାୟୁସେନାର ମିଳିତ ଉଦ୍ୟମରେ ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି ସିକର୍ ଲାଗିଥିବା ଏହି କ୍ଷେପଣାସ୍ତ୍ରକୁ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରୁ କରାଗଲା ପରୀକ୍ଷଣ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ)ର ମିଳିତ ଉଦ୍ୟମରେ ଆଜି ଦୃଶ୍ୟମାନ ପରିଧି ଠାରୁ ବାହାରେ ଆକାଶମାର୍ଗରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା (ବିଭିଆରଏଏଏମ) 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ଭାବେ ନିର୍ମିତ ରେଡିଓ ଫ୍ରିକ୍ୱେନ୍ସି ସିକର୍ ଲାଗିଛି। ଓଡ଼ିଶା ଉପକୂଳ ଚାନ୍ଦିପୁରଠାରେ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରର ବିମାନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ସମୟରେ ଭିନ୍ନ ଭିନ୍ନ ସ୍ତର, ଦିଗ, ଉତକ୍ଷେପଣ ପରିସ୍ଥିତିରେ ଥିବା ଦୁଇଟି ମାନବବିହୀନ ଆକାଶମାର୍ଗ ଲକ୍ଷ୍ୟକୁ ଭେଦ କରିବା ଲାଗି ଦୁଇଟି କ୍ଷେପଣାସ୍ତ୍ରକୁ ପ୍ରୟୋଗ କରାଯାଇଥିଲା। ▶▶ପୃଷ୍ଠା ୭

ଆଜିଠୁ କଟକରୁ ଗଡ଼ିବ ଘରୋଇ ବସ୍: କଟକ ଘରୋଇ ବସ୍ ମାଲିକ ସଂଘର ଘୋଷଣା



ଭୁବନେଶ୍ୱର, ୧୧/୭ (ନି.ପ୍ର): ଆସନ୍ତାକାଲି ଠାରୁ କଟକରେ ଘରୋଇ ବସ୍ ଚଳାଚଳ ହୋଇପାରେ ସ୍ୱାଭାବିକ । ଡ୍ରାଇଭର ମହାସଂଘ ଧର୍ମଘଟକୁ ଆଉ ସମର୍ଥନ ଜଣାଇବେ ନାହିଁ କଟକ ଘରୋଇ ବସ୍ ମାଲିକ ସଂଘ। ଧର୍ମଘଟର ସମାଧାନ ହେଉନଥିବାରୁ ବସ୍ ଚଳାଚଳ ବନ୍ଦ ରହିଥିବାରୁ ମାଲିକ କ୍ଷତି ସହୁଛନ୍ତି। ଯାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିବାରୁ ଏହାକୁ ମଧ୍ୟ ନଜରକୁ ନେଇଛି ବସ୍ ମାଲିକ ସଂଘ । ତେଣୁ କାଲିଠୁ ଘରୋଇ ▶▶ପୃଷ୍ଠା ୭

ରାହୁଲଙ୍କୁ ଧର୍ମେନ୍ଦ୍ରଙ୍କ କଟାକ୍ଷ: ଚାଲି ନଜାଣି ବାଟର ଦୋଷ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୭ : ଓଡ଼ିଶାରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ। ଗରିବ ଲୋକଙ୍କ ହକ୍ ଏବଂ ଜନଜାତିଙ୍କ ଜମି ସେବେ ପର୍ଯ୍ୟନ୍ତ ସୁରକ୍ଷିତ, ଯେଉଁ ପର୍ଯ୍ୟନ୍ତ କଂଗ୍ରେସ କ୍ଷମତାକୁ ଆସିନାହିଁ। ରାହୁଲ ଗାନ୍ଧୀ 'ଚାଲି ନ ଜାଣି ବାଟର ଦୋଷ' ଭଳି କଥା କହୁଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଭୁବନେଶ୍ୱରରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଦ୍ୱାରା ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ▶▶ପୃଷ୍ଠା ୭

ଦିଲ୍ଲୀରେ ମୋହନ ଓ ମନମୋହନ: ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ବଢ଼ିଲା ଚର୍ଚ୍ଚା



ଭୁବନେଶ୍ୱର, ୧୧/୭ (ନି.ପ୍ର): ଦିଲ୍ଲୀରେ ଓଡ଼ିଶା ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଫାଇଲ୍ । ଗୋଟିଏ ସମୟରେ ଦିଲ୍ଲୀରେ ଅଛନ୍ତି ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି । ମୋହନ ଓ ମନମୋହନ ଏକା ସମୟରେ ଦିଲ୍ଲୀରେ ଥିବାରୁ ଏହି ଚର୍ଚ୍ଚା ବଢ଼ିଛି । ଆଉ ଅନୁମାନ କରାଯାଉଛି ସଂଗଠନ ଓ ସରକାର ଭିତରେ ସମନ୍ୱୟ ରକ୍ଷା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କରିପାରନ୍ତି ଦିଲ୍ଲୀ ନେତୃତ୍ୱ । ନୂଆକରି ରାଜ୍ୟ ବିଜେପି ସଭାପତି ଦାୟିତ୍ୱ ନେବା ପରେ ଦିଲ୍ଲୀ ଅଭିମୁଖେ ଯାଇଛନ୍ତି ମନମୋହନ ସାମଲ । ଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଦିଲ୍ଲୀରେ ଅଛନ୍ତି। ଗୁରୁବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ରାଞ୍ଚିରେ ବସିଥିବା ଇଷ୍ଟର୍ନ ଜୋନାଲ ବୈଠକରେ ଯୋଗଦେବା ପରେ, ଆଜି ଦିଲ୍ଲୀ ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଦୁଇ ନେତାଙ୍କ ▶▶ପୃଷ୍ଠା ୭

ମଣିପୁରରେ ତିନି ଜଣ ଉଗ୍ରବାଦୀ ଗିରଫ: ଅସ୍ତ୍ରଶସ୍ତ୍ର ଏବଂ କାଗଜପତ୍ର ଉଦ୍ଧାର


ଇମ୍ଫାଲ, ୧୧/୭: ମଣିପୁରରେ ସୁରକ୍ଷା ବାହିନୀ ଅନେକ ସଫଳ ଅପରେସନ୍ ଚଳାଇଛି, ଯେଉଁଥିରେ ନିଷିଦ୍ଧ ଉଗ୍ରବାଦୀ ସଂଗଠନ ସହିତ ଜଡିତ ତିନି ଜଣ କ୍ୟାଡରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ମୋବାଇଲ୍ ଫୋନ୍ ଏବଂ ପରିଚୟ ପତ୍ର ମଧ୍ୟ ଜବତ କରାଯାଇଛି।ପୋଲିସ ମୁଖ୍ୟାଳୟ ଦ୍ୱାରା ଆଜି ଦିଆଯାଇଥିବା ସୂଚନା ଅନୁଯାୟୀ୧୦ ଜୁଲାଇରେ ବିଷ୍ଣୁପୁର ଜିଲ୍ଲାର ପୌଗଚଟାଓ-ଇଖାଇ ଅଞ୍ଚାଙ୍ଗ ଲେକେରେ ଏକ ମିଳିତ ଅପରେସନ୍ ସମୟରେ ପିଆରଇପିଏକେ(ପିଆରଓ)ନାମକ ନିଷିଦ୍ଧ ▶▶ପୃଷ୍ଠା ୭

ସୁଯୋଗ ମିଳିଲେ ବି କ୍ଷମତାକୁ ଆସି ପାରିବନି କଂଗ୍ରେସ: ମନମୋହନ



ଭୁବନେଶ୍ୱର, ୧୧/୭ (ନି.ପ୍ର): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୁବନେଶ୍ୱରରର ବରମୁଣ୍ଡା ପଡ଼ିଆ ସମାବେଶରେ ଜନସାଧାରଣଙ୍କୁ ସମ୍ବୋଧନ କରିଛନ୍ତି। ଏହି ସମୟରେ ଭାଜପାକୁ କଡ଼ା ଟାର୍ଗେଟ୍ କରିଛନ୍ତି ରାହୁଲ। ଏହା ସହିତ ରଥଯାତ୍ରା ଅଘଟଣକୁ ନେଇ ମଧ୍ୟ ରାହୁଲ ଟାର୍ଗେଟ କରି କହିଛନ୍ତି, ଆଦାନୀ ପାଇଁ ରଥକୁ ରୋକାଯାଉଛି । ଏହା ଲୋକଙ୍କ ସରକାର ନୁହେଁ, ଏହା ଆଦାନୀଙ୍କ ଭଳି ଉଦ୍ୟୋଗପତିଙ୍କ ସରକାର। ଓଡ଼ିଶାରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଗାଏବ ହୋଇଛନ୍ତି। ଏମାନେ କୁଆଡ଼େ ଗଲେ କେହି ଜାଣିନାହାନ୍ତି। ମହିଳାଙ୍କୁ ଦୁଷ୍କର୍ମ ହେଉଛି, କିନ୍ତୁ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ▶▶ପୃଷ୍ଠା ୭

ଆରଏସଏସ୍ ମୁଖ୍ୟଙ୍କ ଅବସର ପରାମର୍ଶ ମନ୍ତବ୍ୟକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ,୧୧/୭ : ନେତାମାନେ ୭୫ବର୍ଷ ବୟସରେ ଅବସର ନେବା ଉଚିତ ବୋଲି ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ରାଜନୀତି ଜୋର ଧରିଛି । ଭାଗବତଙ୍କ ମନ୍ତବ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି କଂଗ୍ରେସ ଅଭିହିତ କରିଛି । କାରଣ ଆଗାମୀ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ମୋଦୀ ୭୫ବର୍ଷରେ ପଦାର୍ପଣ କରିବେ ନାଗପୁରରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ମନ୍ତବ୍ୟ ଏଭଳି ପ୍ରଶ୍ନକୁ ପୁଣିଥରେ ଦୋହରାଇଛି । ମୋହନଙ୍କ ମତରେ ନେତାମାନଙ୍କ କାନ୍ଧରେ ୭୫ବର୍ଷ ଉପଲକ୍ଷେ ଉତ୍ତରୀୟ ପଡ଼ିଲା ମାତ୍ରେ ସେମାନେ ରାଜନୀତିରୁ ଅବସର ନେବା ଉଚିତ, ଯାହାକୁ ନେଇ କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାହ୍ଲଲ୍ୟ କରିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ୭୫ବର୍ଷ ବୟସ ହେବ। ଏହାର ମାତ୍ର ୬ଦିନ ପୂର୍ବରୁ ନିଜେ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ୭୫ବର୍ଷ ହେବ । ଗତମାର୍ଚ୍ଚ ମାସରେ ନିଜର ୧୧ବର୍ଷର ▶▶ପୃଷ୍ଠା ୭

ବନ୍ଧହେଲା ୨ ସ୍ଲୁଇସ୍ ଗେଟ୍: ୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୧୧/୭ (ନି.ପ୍ର): ଆଜି ସଂନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହୀରାକୁଦ ଜଳଭଣ୍ଡାରରୁ ୧୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଥିବା ବେଳେ ଏହାପରେ ସଂନ୍ଧ୍ୟା ୬ଟା ୫୦ ରେ ଗୋଟିଏ ଏବଂ ୭ଟା ୨୦ ରେ ଆଉ ଗୋଟିଏ ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଫଳରେ ରାତି ସାଢ଼େ ୮ଟା ସୁଦ୍ଧା ମୋଟ୍ ୧୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୧୦ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୪ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳପତନ ୬୦୫.୧୯ ଫୁଟ୍ ରହିଥିଲା ।

ଇରାନ ଟାର୍ଗେଟ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ



ନୂଆଦିଲ୍ଲୀ,୧୧/୭ : ଇରାନ ଟାର୍ଗେଟ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ । ଇରାନର ସର୍ବୋଚ୍ଚ ନେତାଙ୍କ ଜଣେ ବରିଷ୍ଠ ଉପଦେଷ୍ଟା ଜାଭାଦ ଲାରିଜାନୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୁଦ୍ଧରେ ଏକ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି । ଜାଭାଦ କହିଛନ୍ତି, ଟ୍ରମ୍ପ ମାର-ଏ-ଲାଗୋରେ ମଧ୍ୟ ସୁରକ୍ଷିତ ନୁହନ୍ତି। ମାର-ଏ-ଲାଗୋ ହେଉଛି ଟ୍ରମ୍ପଙ୍କ ବାସସ୍ଥାନ, ଯାହା ଫ୍ଲୋରିଡାରେ ରହିଛି । ଗୋଟିଏ ମାଇକ୍ରୋ ଡ୍ରୋନ ଟ୍ରମ୍ପଙ୍କୁ ଟାର୍ଗେଟ୍ କରିପାରେ ବୋଲି ଜାଭାଦ କହିଛନ୍ତି । ଏହି ମନ୍ତବ୍ୟ ଇରାନ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଯୋଜନା କରୁଛି ବୋଲି ସନ୍ଦେହ ସୃଷ୍ଟି କରିଛି । ଏକ ରିପୋର୍ଟ ଅନୁଯାୟୀ, ଇରାନ ମାର-ଏ-ଲାଗୋରେ ଡ୍ରୋନ ଆକ୍ରମଣ ପାଇଁ ୩୦ ମିଲିୟନ ଡଲାରର ପୁରସ୍କାର ରାଶି ଘୋଷଣା କରିଛି । ଏହି ମନ୍ତବ୍ୟ ଜୁଲାଇ ୯ରେ ଆସିଥିଲା। ଏହି ଧମକ ବିଷୟରେ ପଚରାଯିବାରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହାର ଜବାବ ଦେଇ କହିଛନ୍ତି, ବହୁତ ଦିନ ବିତିଗଲାଣି...ମୁଁ ଜାଣେ ନାହିଁ । ଚେତାବନୀ ▶▶ପୃଷ୍ଠା ୭

ଦମ୍ ଅଛି ତ ପ୍ରମାଣ ଦିଅ: ପାକିସ୍ତାନକୁ ଡୋଭାଲଙ୍କ ଖୋଲା ଚ୍ୟାଲେଞ୍ଜ



ନୂଆଦିଲ୍ଲୀ,୧୧/୭ : ପାକିସ୍ତାନକୁ ଚ୍ୟାଲେଞ୍ଜ ଦେଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଆଉ ସେହି ଚ୍ୟାଲେଞ୍ଜଟି ମାତ୍ର ଗୋଟିଏ ଫଟୋକୁ ନେଇ । ଡୋଭାଲ ପାକିସ୍ତାନକୁ କହିଛନ୍ତି , ଭାରତରେ ଯଦି ପାକ୍ ବିମାନ ଆସି କ୍ଷୟକ୍ଷତି କରିଛି ତେବେ ଗୋଟିଏ ଫଟୋ ▶▶ପୃଷ୍ଠା ୭

୧୪ରୁ ଆଖଣ୍ଡଳମଣିଙ୍କ ପୀଠରେ ଶୁଭିବ ବୋଲବମ ଧ୍ୱନି : ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଡରାଉଛି ଡାଇରିଆ।

ଭଦ୍ରକ, ୧୧/୦୭ (ନି.ପ୍ର): ଆସନ୍ତା ୧୪ରୁ ଅଗଷ୍ଟ ୧୧ଯାଏଁ ଏକମାସ ଧରି ବାବା ଆଖଣ୍ଡଳମଣିଙ୍କ ପୀଠରେ ଶୁଭିବ ବୋଲବମ ଧ୍ୱନି। ଆଗନ୍ତୁକ ଲକ୍ଷାଧିକ କାଉଡିଆ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗତ ଜୁନମାସ ୨୬ତାରିଖରେ ଭଦ୍ରକ ଜିଲାପାଳ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମନ୍ଦିର ପ୍ରଶାସନିକ ଅଧିକାରୀ, ବରିଷ୍ଠ ସେବାୟତ, ରାସ୍ତା ଓ ଗୃହ କୋଠାନିର୍ମାଣ ବିଭାଗ, ପାନୀୟଜଳ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ ଆଦି ବିଭାଗର ଯୋଗଦେଇ ଶ୍ରାବଣୀଯାତ୍ରା ପୂର୍ବରୁ ଭଦ୍ରକପ ଆଖଣ୍ଡଳମଣି ମୁଖ୍ୟରାସ୍ତା ସହ ପୀଠକୁ ସଂଯୋଗ କରୁଥିବା କୁଳେଇପଦା, ଧାନଖଣିଆ, ମୁଆଁପସନ୍ତରା ରାସ୍ତାର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ ଗୁରୁତ୍ୱର ଭାବେ କଥା ହୋଇଥିଲେ। ହେଲେ ପୀଠକୁ ସଂଯୋଗ କରୁଥିବା ରାସ୍ତାର ମରାମତି ତ ଦୂରର କଥା ଭଦ୍ରକପଆଖଣ୍ଡଳମଣି ମୁଖ୍ୟ ରାସ୍ତାର ବେତାଳିଗାଁ ଠାରୁ ସାହୁସାହି, ସୁନ୍ଦରପୁର, ମଠଡିହ ଓଳଗ ରାସ୍ତାରେ ବଡବଡ ଖାଲଖମା ହୋଇ ପଡି ରହିଛି। ଫଳରେ ଆଗନ୍ତୁକ କାଉଡିଆ ଖାଲି ପାଦରେ ଖାଲଖମା ରାସ୍ତାରେ ଆସିବେ। ଏପରିକି ଜିଲା ରାସ୍ତା ଓ ଗୃହ କୋଠା ନିର୍ମାଣ ବିଭାଗ ପକ୍ଷରୁ ଯାହାକିଛି ରାସ୍ତା ପିଚ ହୋଇଥିଲା। ଗତକିଛିଦିନ ଲଗାଣବର୍ଷାରେ ରିସ୍ତାରୁ ପିଚ ଉଠିଯାଇଥିବାରୁ ଗୁଡି, ଡଷ୍ଟ ରାସ୍ତାରେ ମରଣଯନ୍ତା ପାଲଟିଛି। ସେହିପରି କୁଆଖିଆପ ଆଖଣ୍ଡଳମଣି ୨୦ନଂ ଜାତୀୟରାଜପଥର ଆରଡି ବାଇପାସ ରାସ୍ତାକୁ ଠିକାଦାର ଦୀର୍ଘମାସ ହେବ ଖୋଳି ଦେଇ କାର୍ଯ୍ୟ କରୁଥିବାରୁ ରାସ୍ତା ଅଣଓସାରିଆ ହୋଇ ପଡି ରହିଛି। ତାହାସହ ମେଘା କମ୍ପାନୀ ବିଷ୍ଣୁବ୍ଧ ପାଣି ଯୋଗାଇ ଦେବା ନିମନ୍ତେ ଭୂତଳ ପାଇପ ବିଛାଣ ଆଳରେ ପାନୁନିବାସ ଠାରୁ ମନ୍ଦିର ଶିବପ୍ଲାଜା ଯାଏଁ ଦୀର୍ଘ ୩କିମି ରାସ୍ତର ଗୋଟିଏ ପାର୍ଶ୍ୱ ଖୋଳି ଦେଇ ପକାଇଥିବାରୁ ଗତ ୧ମାସ ହେବ କାଦୁଅ, ପଙ୍କରେ ଘାଂଟି ହେଉଛନ୍ତି ସ୍ଥାନୀୟ ଲୋକଙ୍କ ସହ ଆଗନ୍ତୁକ ପର୍ଯ୍ୟଟକମାନେ। ବିଶେଷକରି ଗତକିଛିଦିନ ତଳେ ଆରଡି ଓ ଆଖପାଖ ଅଂଚଳରେ ଡାଇରିଆ ବ୍ୟାପିଥିଲା। ଏବେ ସ୍ଥିତି ନିୟନ୍ତ୍ରଣ ରହିଥିଲେ ମଧ୍ୟ ପୀଠର ଚାରିଆଡେ କୁଢକୁଢ ଅଳିଆ ଆବର୍ଜନା ପଡି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଶ୍ରାବଣୀଯାତ୍ରାରେ ଲକ୍ଷାଧିକ କାଉଡିଆଭକ୍ତ ପୀଠକୁ ଆସିବେ ହେଲେ ଭକ୍ତଙ୍କ ମନରେ ଡାଇରିଆ ଭୟ ଘାରିଛି। ଶ୍ରାବଣୀଯାତ୍ରାରେ ବାବାଙ୍କୁ ଜଳାଭିଷେକ କରିବା ପାଇଁ ପୀଠକୁ ପ୍ରତି ରବିବାର ଓ ସୋମବାର ରାତିଦିନ ଏକାକାର କରି କାଉଡିଆଭକ୍ତ ବିଭିନ୍ନ ପ୍ରାନ୍ତରରୁ ମୁଖ୍ୟରାସ୍ତା ସହ ବିଭିନ୍ନ ସାହିରାସ୍ତା ଦେଇ ଆସିବେ। ହେଲେ ଦୀର୍ଘମାସ ହେବ ପାନୁନିବାସ ଠାରୁ ନଦୀଘାଟ, ବାଇପାସ ରାସ୍ତା ଠାରୁ ଗୁଡିଆସାହି ରିସ୍ତା, ମୁଖ୍ୟ ବଜାର ଆଦି ସ୍ଥାୟୀ ଆଲୋକିକରଣ ନଥିବାରୁ ଅନ୍ଧକାରମୟ ହୋଇ ରହିଛି। ଶ୍ରାବଣମାସରେ ବର୍ଷା ସହ ପବନର ଆଶଙ୍କା ରହିଥାଏ। ତାହାସହ ସରିସୃପଙ୍କ ଭୟ ମଧ୍ୟ ରହିଥାଏ। ହେଲେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବିଜୁଳି ବ୍ୟବସ୍ଥା ହୋଇ ପାରି ନଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାହାସହ ଅନେକ ଡ୍ରେନ ଓ ଆବର୍ଜନା ନଳା ଦେଇ ପିଇବା ପାଣି ପାଇପ ଯାଇଥିବାରୁ ବିକଳ୍ପ ବ୍ୟବସ୍ଥା ନଥିବାରୁ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି ସ୍ଥାନୀୟ ଅଧିବାସୀଙ୍କ ସହ ଆଗନ୍ତୁକ ପର୍ଯ୍ୟଟକ। ଆଇନଶୃଙ୍ଖଳା ଦୃଷ୍ଟିରୁ କାଉଡିଆଭକ୍ତଙ୍କ ଜଳଲାଗି ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡ ଓ ଟେଣ୍ଟ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସମସ୍ତ ପ୍ରସ୍ତୁତି ଯେପରି କାଗଜକଲମ ଓ ବୈଠକରେ ସୀମିତ ହୋଇ ରହିଯାଇଛି।

କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରଖିବାକୁ ସରକାର ପ୍ରତିବଦ୍ଧ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଚାଷୀଙ୍କୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥା ସମୟରେ ବୀମା କମ୍ପାନୀ କ୍ଷତି ପୂରଣ ପ୍ରଦାନ କରିବେ । ସମବାୟ ମାଧ୍ୟମରେ ଫସଲ ଋଣ ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ଉପରେ ଆଜି ଅନୁଷ୍ଠିତ ଆଲୋଚନା ବୈଠକରେ ଏହି ମତ ପ୍ରକାଶ ପାଇଛି । ଏହି ବୈଠକରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଅଧ୍ୟକ୍ଷତା କରି କହିଥିଲେ, ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତିବଦ୍ଧ । କୃଷି ଋଣ ପ୍ରଦାନରେ ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ବୀମା ଭୁକ୍ତ ଚାଷୀଙ୍କୁ ଯଥା ସମୟରେ କ୍ଷତି ପୂରଣ ପ୍ରଦାନ କରିବାରେ ସହଯୋଗ କରିବାକୁ ସେ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବେଗୁନିଆ ବିଧାୟକ ପ୍ରଦିପ କୁମାର ସାହୁ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସମବାୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସଚିବ ସଂଗ୍ରାମ କେଶରୀ ରାଉତ ପିପିଟି ମାଧ୍ୟମରେ ସବିଶେଷ ଉପସ୍ଥାପନ କରିଥିଲେ ।

ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧୧/୦୭ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ଆଜି ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିରରେ ଜୟପୁର ବିଡିଓ ଶକ୍ତି ମହାପାତ୍ର ଏବିଡିଓ ମନୋଜ ନାୟକ, ବିଏଲଓ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ । ଏଠାରେ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ଦିଆଯାଇଥିଲା । ଦୁଇ ଦିନ ଧରି ଚାଲିବ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ । ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ସଂଶୋଧନ ଓ ବାଦ ନେଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ଧାରା ଓ ଉପଧାରା ସଂପର୍କରେ ଶିକ୍ଷକ କିରଣ ମହାରଣା ପ୍ରଶିକ୍ଷଣ ଦେଇଥିଲେ । ବୁଥ ସ୍ତରୀୟ ଅଧିକାରୀଙ୍କ ଭୂମିକା ଏବଂ କଉବ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଘର ଘର ସର୍ଭେ କରିବା ଭୋଟରଙ୍କ ଘରକୁ ଯିବା ସମୟରେ ନିଜ ପରିଚୟ ଦେବା, ପରିଚୟ ପତ୍ର, ନିଯୁକ୍ତି କ୍ରମ ଦେଖାଇବା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଘରକୁ ଆସିଥିବା ସୂଚନା ଦେବା ଆଦି ପ୍ରଶିକ୍ଷଣ ଦିଆଯାଇଥିଲା । ଜୟପୁର ବ୍ଲକରେ ୯୯ଟି ବୁଥ ବିଏଲଓଙ୍କ ମଧ୍ୟରୁ ଆଜି ୫୦ ଜଣ ବିଏଲଓ ୧୦ ଜଣ ବିଏଲଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

ଭୋଜପୁର ଯୁକ୍ତ ଦୁଇ କଲେଜରେ ବନ ମହୋତ୍ସବ ସପ୍ତାହ ପାଳିତ

ସମ୍ବଲପୁର, ୧୧/୦୭ (ନି.ପ୍ର): ଭୋଜପୁର ସ୍ଥିତ ବିଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଆଜି ପୂର୍ବାହ୍ନରେ ଅଧକ୍ଷ ପ୍ରତାପ ମହାକୁଡ଼ଙ୍କ ସଭାପତିତ୍ୱରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସାଂସଦଙ୍କ ପ୍ରତିନିଧି ରୁଦ୍ର ପ୍ରତାପ ଦେଓ ମୁଖ୍ୟଅତିଥି, କୁଚିଣ୍ଡା ସାହିତ୍ୟ ଘର ସଭାପତି ତଥା ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ଡ଼. ହୃଦାନନ୍ଦ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ ଓ ବନ୍ୟ ପ୍ରାଣୀର ସୁରକ୍ଷା ହିଁ ବନ ମହୋତ୍ସବର ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କ ସହ ମଂଚାସୀନ ଅତିଥିମାନେ ପ୍ରତ୍ୟେକ ନିଜ ନିଜ ଜନ୍ମ ଦିନରେ ସର୍ବନିମ୍ନ ଗୋଟିଏ ଗୋଟିଏ ବୃକ୍ଷରୋପଣ କରି ଅଂଚଳକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବାକୁ ହାତ ଉଠାଇ ଶପଥ ପାଠ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ତପନ କୁମାର ଜୟପୂରିଆ ସଂଯୋଜନା କରିଥିବାବେଳେ ଶେଷରେ ଜନ୍ମେଜୟ କୂମୂରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଭାଷିନୀ ଶତପଥୀ ସ୍ୱାଗତ ଭାଷଣ ରଖିଥିବାବେଳେ ଅଧ୍ୟାପିକା ଅନିତା ପଟେଲ ଅତିଥି ପରିଚୟ ଏବଂ ଅଧ୍ୟାପକ ଘନଶ୍ୟାମ ବାରିକ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ର ପଟେଲଙ୍କ ପରିଚାଳନାରେ ଅତିଥି ଗଣ ଓ ଶତାଧିକ ଛାତ୍ରଛାତ୍ରୀ ଗଣ 'ମାଁ କେ ନାମ ଏକ୍ ପେଡ୍' ସ୍ଲୋଗାନ ଦେଇ ବହୁ ସଂଖ୍ୟକ ଚାରାରୋପଣ କରିଥିଲେ।

ଆଇ.ଟି.ଆଇ. ଲିମିଟେଡ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକ ହେଲେ ଗୋପୀନାଥ ସାହୁ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଓଡ଼ିଶାର ବରିଷ୍ଠ ବିଜେପି ନେତା ଗୋପିନାଥ ସାହୁଙ୍କୁ ଆଇ.ଟି.ଆଇ ଲିମିଟେଡର ବୋର୍ଡରେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି, ଯାହା ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟର ଦୂରସଂଚାର ବିଭାଗ ଅଧୀନରେ ଏକ ପ୍ରମୁଖ କେନ୍ଦ୍ରୀୟ ସରକାରୀ କ୍ଷେତ୍ର ଉଦ୍ୟୋଗ ଅଟେ। ୧୯୪୮ ମସିହାରେ ପ୍ରତିଷ୍ଠିତ ଆଇଟିଆଇ ଲିମିଟେଡ ହେଉଛି ଭାରତର ସର୍ବପୁରାତନ ଦୂରସଂଚାର ଉତ୍ପାଦନକାରୀ ରାଷ୍ଟ୍ରାୟତ କମ୍ପାନୀ, ଯାହା ଦେଶର ଦୂରସଂଚାର ଏବଂ ଡିଜିଟାଲ୍ ଭିତିଭୂମି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହାର ମୁଖ୍ୟାଳୟ ବେଙ୍ଗାଲୁରୁ ଠାରେ ଅବସ୍ଥିତ। ଭଞ୍ଜନଗରରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ସାହୁଙ୍କୁ ଓଡ଼ିଶାରେ ବିଜେପିର ପ୍ରମୁଖ ସାଂଗଠନିକ ରଣନୀତିକାରକଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଏ। ୨୦୧୮ ମସିହାରୁ, ସେ ରାଜ୍ୟ ବିଜେପିର ଯୋଗାଯୋଗ ଏବଂ ତଥ୍ୟ ବିଭାଗର ନେତୃତ୍ୱ ନେଉଛନ୍ତି । ୨୦୧୯ ଏବଂ ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ପରିଚାଳନାରେ ମଧ୍ୟ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି। ତୀକ୍ଷ୍ଣ ପରିଚାଳନାଗତ ବୁଦ୍ଧି ଏବଂ ବିଚାରିକ ସ୍ପଷ୍ଟତା ପ୍ରତି ପ୍ରତିବଦ୍ଧତା ପାଇଁ ସେ ଖୁବ ଜଣାଶୁଣା।

୧୯୯୧ ମସିହାରୁ ସାହୁ ରାଷ୍ଟ୍ରିୟ ସ୍ୱୟଂସେବକ ସଂଘର ଉତ୍ସର୍ଗୀକୃତ ସ୍ୱୟଂସେବକ ଭାବେ କାର୍ଯ୍ୟ କରି ଆସୁଥିବା ସାହୁ ୧୯୯୪ ରୁ ୨୦୦୯ ପର୍ଯ୍ୟନ୍ତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏ.ବି.ଭି.ପି.) ର ପୂର୍ଣ୍ଣକାଳୀନ ଭାବେ କାର୍ଯ୍ୟ କରିଥିଲେ। ଏ.ବି.ଭି.ପି. ରେ ତାଙ୍କର ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ, ସେ ରାଜ୍ୟ ସମ୍ପାଦକ, ରାଜ୍ୟ ସଂଗଠନ ସମ୍ପାଦକ ଏବଂ ଏ.ବି.ଭି.ପି. କେନ୍ଦ୍ରୀୟ ସମିତିର ସଦସ୍ୟ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ଏ.ବି.ଭି.ପି. କାର୍ଯ୍ୟକାଳ ମଧ୍ୟରେ ସେ ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ ସଂଘର ପ୍ରଚାରକ ଭାବରେ ମଧ୍ୟ କାର୍ଯ୍ୟ କରି ପ୍ରଶଂସା ସାଉଁଟିଥିଲେ। ସମଗ୍ର ଓଡ଼ିଶାରେ ଅନେକ ପ୍ରଭାବଶାଳୀ ଛାତ୍ର ଆନ୍ଦୋଳନକୁ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ପ୍ରଦାନ କରି ବିଭିନ୍ନ ପିଢ଼ିର କାର୍ଯ୍ୟକର୍ତ୍ତାଙ୍କୁ ସେ ମାର୍ଗଦର୍ଶନ ଦେଇଛନ୍ତି। ସେମାନଙ୍କୁ ମଧ୍ୟରୁ ଅନେକ ଆଜିର ଦିନରେ ବିଧାୟକ, ବି.ଜେ.ପି. ଜିଲ୍ଲା ସଭାପତି ଏବଂ ଦଳର ପଦାଧିକାରୀ ହୋଇଛନ୍ତି । ୨୦୧୮ ମସିହାରେ ଆନୁଷ୍ଠାନିକ ଭାବରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିବା ସାହୁଙ୍କର ଦୀର୍ଘ ଦଶନ୍ଧିର ସାଂଗଠନିକ ଅଭିଜ୍ଞତା ଏବଂ ଆଦର୍ଶଗତ ପ୍ରତିବଦ୍ଧତାକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଉଭୟ ଓଡ଼ିଆ ଭାଷା ଏବଂ ସାହିତ୍ୟରେ ସ୍ନାତକୋତର ଏବଂ ଆଇନରେ ସ୍ନାତକ, ସାହୁ, ୨୦୧୫ ରୁ ୨୦୨୧ ପର୍ଯ୍ୟନ୍ତ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଭାରତବାଣୀ ପ୍ରକଳ୍ପର ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରିଥିଲେ। ୨୦୧୧ ରୁ ୨୦୧୫ ପର୍ଯ୍ୟନ୍ତ ସେ ବିଜ୍ଞାପନ ସଂସ୍ଥା ମ୍ୟାଗନମ୍ ଇଂଟରଗ୍ରାଫିକ୍ସର ଓଡ଼ିଶା ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ ଏବଂ ୨୦୧୦ ରୁ ୨୦୧୧ ପର୍ଯ୍ୟନ୍ତ ଜାତୀୟ ଯୁବ ସମବାୟ ସଂସ୍ଥାର ରାଜ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ ।

କାର ଦୁର୍ଘଟଣାରେ ଶ୍ରମିକ ଗୁରୁତର

କୋରେଇ, ୧୧/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନୟର ଜାତୀୟ ରାଜପଥର ସିଂଗଡା ବ୍ରିଜ ତଳେ ଆଜି ଜଣେ ଶ୍ରମିକଙ୍କ ଗୋଡରେ କାର ଚଢି ପଳାଇବାରୁ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ ୧୬ ନୟର ଜାତୀୟ ରାଜପଥର ସିଂଗଡା ବ୍ରିଜ ତଳେ ଜଣେ ଶ୍ରମିକ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱର ପୁର ପଂଚାୟତ ଜମୁନା ଗ୍ରାମର ବାବୁଆ ଯେନା କାମ ସାରି ବିଶ୍ରାମ ନେଉଥିଲେ । ଏହି ସମୟରେ ଏକ କାର ଦ୍ରୁତ ଗତିରେ ଆସି ତାଙ୍କ ପାଦରେ ଚଢି ପଳାଇଥିଲା । ଫଳରେ ତାଙ୍କ ପାଦଟି ଫାଟି ଯିବା ସହ ସେ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ଘଟାଇ କାରଟି ଦ୍ରୁତଗତିରେ ଘଟଣାସ୍ଥଳୁ ଫେରାର ହୋଇଯାଇଥିଲା । ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟ ମାନେ ପହଂଚି ତାଙ୍କୁ ଉଦ୍ଧାର କରି ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ । ରାଜପଥ ପେଟ୍ରୋଲିଂଗ ଗାଡି ପହଂଚିବା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ।

ଫୁଲବାଣୀରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

କନ୍ଧମାଳ, ୧୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ, କନ୍ଧମାଳ ଶ୍ରୀ ପ୍ରଫୁଲ୍ଲ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମା.ଜି ଷ୍ଟ୍ରେ ଟ (ସା.ଧା.ରଣ), କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ ଯୋଗଦେଇ ଚାଷୀମାନଙ୍କୁ ମତ୍ସ୍ୟଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାରୁ ଫାଇଦା ଉଠାଇବା ପାଇଁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, କନ୍ଧମାଳ ଶ୍ରୀ ପ୍ରଣବ ପଟ୍ଟନାୟକ ମଂଚାସୀନ ଥାଇ ନିଜ ନିଜର ବିଭାଗୀୟ ଯୋଜନାଗୁଡ଼ିକ ସମ୍ବନ୍ଧରେ ଅବଗତ କରାଇଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲ୍ଲାର ୬ ଗୋଟି ବ୍ଲକରୁ ୫୦ ଜଣ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଯାଆଁଳ ଉତ୍ପାଦନକାରୀ, ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସମେତ ବ୍ଲକର ସମସ୍ତ ସହକାରୀ ମତ୍ସ୍ୟ ଅଧିକାରୀର ମାନେ ଯୋଗ ଦେଇଥିଲେ। ଏହି ଦିବସରେ ସଫଳ ମତ୍ସ୍ୟ ଚାଷୀ ଭାବରେ ଶ୍ରୀମତୀ ଅଞ୍ଜନା ପ୍ରଧାନ, ଟିକାବାଲି, ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାବରେ ବରଡା ବାଲୁଙ୍କେଶ୍ୱର, ଫୁଲବାଣୀ ଏବଂ ସଫଳ ମତ୍ସ୍ୟ ଉଦ୍ୟୋଗୀ ଭାବରେ ଶ୍ରୀମତୀ ସୁନୀତା ନାୟକ, ଚକାପାଦଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ, ଫୁଲବାଣୀ ଶ୍ରୀ କାହୁଁ ଚରଣ ମୁଖି ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ, ଖଜୁରୀପଡ଼ା ଅରୋଶ୍ରୀ ଅର୍ପିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଡୁଙ୍ଗୁରିପାଲି ଧର୍ମଦାଣ୍ଡି ନାଳରେ ଭାସି ଯାଇଥିବା ସାନ ଭାଇ ମୃତ : ନିରଞ୍ଜନଙ୍କ ଶବ ମଧ୍ୟ ଉଦ୍ଧାର କରିବାରେ ସଫଳ ହେଲା ଅଗ୍ନିଶମ ବିଭାଗ

ସୁବର୍ଣ୍ଣପୁର, ୧୧/୦୭ (ନି.ପ୍ର): ସୁବର୍ଣ୍ଣପୁର

ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ୍ୟ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...

ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍: ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ୍ୟ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ ।

ମୋମୋସର ଲାଲ୍ ଚଟଣି ମଧ୍ୟ କ୍ଷତିକାରକ: ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ୍ୟ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



ଅଣ୍ଡା ସହ ଏସବୁ ଖାଇବା ଖୁବ୍ ଭଲ, ଭୁଲ୍‌ରେ ବି ପିଅନ୍ତୁନି ଚା' କିମ୍ବା କ୍ଷୀର

ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ପ୍ରୋଟିନ୍‌ରେ ଭରପୂର ଅଣ୍ଡାରେ ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍ ଭରି କରି ରହିଛି। ଅଣ୍ଡାକୁ ଆପଣ ଓଜନ ହ୍ରାସ ଡାଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ ପରିମାଣର କ୍ୟାଲୋରି ମିଳିଥାଏ, ତାହା ଶରୀର ପାଇଁ ଖୁବ୍ ଭଲ। ଅନ୍ୟ କୌଣସି ପ୍ରକାରର ତେଲ କିମ୍ବା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍‌ଲେଟ୍ କରିକି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ।



ତେବେ ଏପରି ଅନେକ ଜିନିଷ ଅଛି ଯାହା ସହ ଅଣ୍ଡା ଖାଇବା ଅନୁଚିତ। ସେଥିମଧ୍ୟରେ ରହିଛି ଚା ଏବଂ କ୍ଷୀର। ଏହି ସବୁ ପାନୀୟ ସହ ଅଣ୍ଡା ଖାଇବାକୁ ବାରଣ କରାଯାଇଛି। ଏସବୁ ସହ ଅଣ୍ଡା ଖାଇଲେ ଶରୀରରେ ଓଲଟା ପ୍ରଭାବ ପଡ଼ିଥାଏ।

ଗୁପ୍ତ ସହର



ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେସ୍ତୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

ବର୍ଲିଂଟନ୍, ଇଂଲଣ୍ଡ:


ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଲଂଲଣ୍ଡର ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?

ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ। ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ ।

ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା। ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।


ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି। ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି



ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

ଭାତ ଓ ରୁଟି: କାହାର ଆରମ୍ଭ କେବେ, ଜାଣନ୍ତୁ

ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ହିଁ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମ ଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଆମର ଭାରତୀୟ ଖାଦ୍ୟ ଅଭ୍ୟାସରେ ଭାତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶେଷ ଭାବେ ପଶ୍ଚିମବଙ୍ଗ, ଓଡ଼ିଶାରୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରମୁଖ ଭାବେ ଭାତ ହିଁ ଖାଇଥାନ୍ତି। ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ଆମ ଦେଶରେ ପାରମ୍ପରିକ ଭାବେ ବାସୁମତୀ, ହଂସରାଜ, ଜୟା, ପଦ୍ମା, ସୋନା, ଇତ୍ୟାଦି କିସମର ଧାନ ଚାଷ ହୋଇ ଚାଉଳ ଅମଳ ହୁଏ। ବିଭିନ୍ନ ରାଜ୍ୟରେ ଚାଉଳକୁ ଅନେକ ପ୍ରକାରରେ ପ୍ରକ୍ରିୟାକରଣ କରାଯାଇ ଖାଦ୍ୟୋପଯୋଗୀ କରାଯାଉଛି। ଆମେ ସାଧାରଣତଃ ଭାତ, ମୁଢ଼ି, ଚୁଡ଼ା ଆଦି ଆମର ପ୍ରମୁଖ ଖାଦ୍ୟ ତଥା ଜଳଖିଆ ଭାବେ ନେଇଥାଉ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଇତିହାସ କୁହେ,ସ୍ୱାଧୀନତାର ପୂର୍ବ ସମୟ ବା ୧୯୪୦ ପୂର୍ବବର୍ତ୍ତୀ ସମୟରେ ଦକ୍ଷିଣ ତଥା ପୂର୍ବ ଭାରତରେ ରୁଟି ଖାଇବା ଏକ ପ୍ରକାର ଆରମ୍ଭ ହୋଇନଥିଲା। ଭାତ ହିଁ ପ୍ରମୁଖ ଖାଦ୍ୟ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଁ ଧାନର ଉପଲବ୍ଧତା ବ୍ୟାଘାତ ହେବା ପରେ ଗହମ ଚାଷ ପ୍ରତି ଆଗ୍ରହ ବଢ଼ିଲା ଏବଂ ସମୟେ ସମୟେ ରୁଟି ଖାଇବା ଆରମ୍ଭ ହେଲା। ବର୍ତ୍ତମାନ ପ୍ରାୟ ପ୍ରତି ଭାରତୀୟମାନଙ୍କ ଘରେ ଦିନକୁ ଥରେ ରୁଟି ଖାଇବା ଦେଖାଯାଉଛି। ବ୍ୟକ୍ତିପିଛା ଏହା ପ୍ରାୟ ଚାଳିଶରୁ ପଚାଶ ଗ୍ରାମ ହୋଇଥାଏ। ତେବେ ଉତ୍ତର ଭାରତରେ ହିଁ ଗହମ ଉତ୍ପାଦନ ଅଧିକ ଥିବା ବେଳେ ଏହା ସବୁ ସ୍ଥାନରେ ବର୍ତ୍ତମାନ ଭାତ ପରି ଏକ ପ୍ରମୁଖ ଖାଦ୍ୟ ହୋଇଛି। ରୁଟି ବିଷୟରେ କହିବାକୁ ଗଲେ, ଗହମ ଚାଷ ହେଉଥିବା କ୍ଷେତରେ ପାଣି କମ୍



ଆବଶ୍ୟକ ହେବା ସହ ଉଚ୍ଚାଭୂମି ହେବା ଆବଶ୍ୟକ। ବିହନ ବୁଣା ହେବାଠାରୁ ନେଇ ଶସ୍ୟ ଅମଳ ହେବା ଏବଂ ଏହା ପରେ ଗହମ ଚୁରା ହୋଇ ଅଟା ହେବାର ପ୍ରକ୍ରିୟାରେ ଏଥିରେ ଥିବା ପୋଷକ ତତ୍ତ୍ୱ ଅଲଗା ଅଲଗା ହୋଇଥାଏ। ଗହମ ଅଟା ହେବାର ମୁଖ୍ୟତଃ ଦୁଇ ପ୍ରକାର ପ୍ରକ୍ରିୟା ଆମ ଦେଶରେ ଅବଲମ୍ବନ କରାଯାଏ। ତେବେ ପାରମ୍ପରିକ ଉପାୟରେ ଚକିରେ ପେଶା ହୋଇ ପ୍ରସ୍ତୁତ ଅଟା ହିଁ ଉପଯୁକ୍ତ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏପରି ଭାବରେ ଚୁରା ହୋଇଥିବା ଅଟାରେ ଚୋପା ବା ଚୋକଡ଼ ଅଂଶ ରୁହେ, ଯାହା ଫାଇବରରେ ପରିପୂର୍ଣ୍ଣ। କିନ୍ତୁ ମେସିନ୍ ବା ମିଲ୍‌ରେ ଚୁରା ହୋଇଥିବା ଅଟାରେ ଗହମର ଉପର ଚୋପା ଅଂଶ ପୂର୍ଣ୍ଣ ଭାବେ ନଷ୍ଟ ହୋଇଥାଏ। ଫଳରେ ଅଟାରୁ କେବଳ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍ ହିଁ ମିଳିବ ଯାହା ପ୍ରାୟ ଭାତ ଖାଇବା ସହ ସମାନ। ଅଟାରେ ଥିବା ପ୍ରୋଟିନ୍ ମଧ୍ୟରୁ ଗ୍ଲୁଟେନ୍ ହେଉଛି ଆଠରୁ ଦଶ ପ୍ରତିଶତ। ଗ୍ଲୁଟେନ୍ ନଥିବା ଶସ୍ୟରେ ପାଣି ପକାଇଲେ ଏହା ଅଟା ପରି ଚକଟିହୁଏ ନାହିଁ। ଏହା ନିୟମିତ ସେବନ କରିବା ଦ୍ୱାରା ଆମର ୟୁରିକ୍ ଏସିଡ୍ ବଢ଼ିବାର ସମ୍ଭାବନା ଥାଏ। ରୁଟି ସେକିବା ବେଳେ ଏଥିରେ ଥିବା ପ୍ରୋଟିନ୍ ଓ ସୁଗାର ବା ଶର୍କରାର ପ୍ରତିକ୍ରିୟା ଫଳରେ ଅନେକ ଦରକାରୀ ପୋଷକ ତତ୍ତ୍ୱ ନଷ୍ଟ କରିଦିଏ। ଗହମକୁ ଭାଙ୍ଗି ତିଆରି ହେଉଥିବା ଦଲିଆ କିମ୍ବା ଗହମ ଛତୁଆ ପରି ଖାଦ୍ୟରେ ହିଁ ଗହମର ପୋଷକ ଉତ୍ତ୍ୱ କିଛି ପରିମାଣରେ ବରାବର ଥାଏ। ଏବେ ଜାଣିବା ଭାତର ପୋଷକ ତତ୍ତ୍ୱ କଣ ରହିଛି। ଆମେ ସାଧରଣତଃ ଦୁଇ ପ୍ରକାର ଭାତ ନିତିଦିନ ଖାଉ। ଅରୁଆ ଓ ଉଷୁନା। ଧାନକୁ ପ୍ରକ୍ରିୟାକରଣ କରାଯାଇ ସିଝାଇ ପ୍ରସ୍ତୁତ ହୁଏ ଉଷୁନା ଚାଉଳ ଏବଂ ଅରୁଆ ଚାଉଳ ସିଧାସଳଖ ଧାନ ଚୁରା ହୋଇ ଆସେ। ତେବେ ପ୍ରକୃତ ଅକାଣ୍ଡିଆ ଉଷୁନା ଚାଉଳ ଯାହା ଢ଼ିଙ୍କିରେ ଧାନ କୁଟି ଚାଉଳ ଉତ୍ପାଦନ କରାଯାଏ, ତାହା ହିଁ ଆମ ଶରୀର ପାଇଁ ଉପାଦେୟ ହୋଇଥାଏ। ଏବେ ଏହା ବଜାରରେ ବ୍ରାଉନ୍ ରାଇସ୍ ନାମରେ ଜଣାଶୁଣା। ଏଥିରେ ଥାୟାମିନ୍, ଫଲିକ୍ ଏସିଡ୍, ଶ୍ୱେତସାର ତଥା ପ୍ରୋଟିନ୍ ରହିବା ସହ ଫାଇବର ମଧ୍ୟ ଥାଏ। ଢ଼ିଙ୍କିରେ କୁଟା ଚାଉଳରେ ମିଲ୍ ପେଶା ଚାଉଳ ଅପେକ୍ଷା ୩/୪ ଭାଗ ଅଧିକ ଭିଟାମିନ ଓ ମିନେରାଲସ୍ ଥାଏ।ମିଲ୍‌ରେ ପେଶାଯାଇ ପ୍ରସ୍ତୁତ ଚାଉଳରେ ଚାଉଳର ଭିଟାମିନ୍ ଅଂଶ ଓ ଫାଇବର୍ ଅଂଶ ନଷ୍ଟ ହୋଇଥାଏ। ଏପରିକି ମୁଢ଼ି ଓ ଚୁଡ଼ା ପ୍ରସ୍ତୁତି ସମୟରେ ମଧ୍ୟ ଚାଉଳର ଅନେକ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୨ ଜୁଲାଇ ୨୦୨୫, ଶନିବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଡଲାରର ଝଟକା: ବିଶ୍ୱ ଅର୍ଥନୀତିରେ ନୂଆ ସମୀକରଣ

ଆମେରିକୀୟ ଡଲାର୍ କେବଳ ଏକ ମୁଦ୍ରା ନୁହେଁ, ଏହା ଆମେରିକାର ଆର୍ଥିକ ଶକ୍ତି ଏବଂ ବିଶ୍ୱ ଅର୍ଥନୀତିରେ ତାର ପ୍ରାଧାନ୍ୟର ପ୍ରତୀକ। କିନ୍ତୁ ନିକଟରେ ଏହି ଶକ୍ତିଶାଳୀ ମୁଦ୍ରା ଏକ ବଡ଼ ଝଟକା ଖାଇଛି । ୧୯୭୩ ମସିହା ପରଠାରୁ ଏହା ପ୍ରଥମ ଥର ପାଇଁ ବର୍ଷର ପ୍ରଥମ ଛଅ ମାସରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି, ଯାହା ବିଶ୍ୱର ନିବେଶକମାନଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଡଲାର୍ ଅନ୍ୟ ପ୍ରମୁଖ ମୁଦ୍ରା ତୁଳନାରେ ୧୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । କ'ଣ ଏହା ଆମେରିକାର ଆର୍ଥିକ ଅବନତିର ସଙ୍କେତ ? ଏହି ପ୍ରଶ୍ନ ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି ।

ଡଲାରର ଏହି ଅବନତି ପଛରେ ଅନେକ କାରଣ ରହିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ନୀତିଗତ ଅନିଶ୍ଚିତତା ଏବଂ ବିଶୃଙ୍ଖଳା ଅନେକ ନିବେଶକଙ୍କୁ ଚିନ୍ତାରେ ପକାଇଛି । ତାଙ୍କର ଶୁଳ୍କ ନୀତି (tariffs) ବିଶ୍ୱ ବାଣିଜ୍ୟରେ ଅସ୍ଥିରତା ସୃଷ୍ଟି କରିଛି । ଏହା ବ୍ୟତୀତ, ଫେଡେରାଲ୍ ରିଜର୍ଭର ସ୍ୱାଧୀନତା ଉପରେ ତାଙ୍କର ହସ୍ତକ୍ଷେପର ପ୍ରୟାସ ମଧ୍ୟ ବଜାରରେ ନକାରାତ୍ମକ ପ୍ରଭାବ ପକାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକାର ଋଣଭାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ନିକଟରେ କଂଗ୍ରେସ ଦ୍ୱାରା ପାରିତ ହୋଇଥିବା ଏକ ବୃହତ ବିଲ୍ ଏହି ଋଣଭାରକୁ ଆହୁରି ବଢ଼ାଇ ଦେବ ବୋଲି ଆଶଙ୍କା କରାଯାଉଛି । ରାଜନୈତିକ ବିଭାଜନ ଏବଂ ସରକାରୀ ନୀତିରେ ସ୍ଥିରତାର ଅଭାବ ବିଦେଶୀ ନିବେଶକମାନଙ୍କୁ ଆମେରିକୀୟ ଷ୍ଟକ୍ ଏବଂ ବଣ୍ଡ୍ ବିକ୍ରି କରିବାକୁ ପ୍ରେରିତ କରିଛି, ଯାହା ଡଲାରର ମୂଲ୍ୟ ହ୍ରାସରେ ସହାୟକ ହୋଇଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ କେନେଥ୍ ରୋଗୋଫ୍ କହିଛନ୍ତି ଯେ, ଏହା ଏକ ଧୀର ଗତିରେ ଆସୁଥିବା ବିପଦ (slow-motion train wreck) ଏବଂ ଟ୍ରମ୍ପ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ବ୍ୟାଙ୍କ ଅଫ୍ ଆମେରିକା ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ପାଣ୍ଠି ପରିଚାଳକମାନେ ଦୁଇ ଦଶନ୍ଧି ଧରି ଆମେରିକୀୟ ଷ୍ଟକ୍ ଏବଂ ବଣ୍ଡକୁ ଅଧିକ ପସନ୍ଦ କରୁଥିଲେ, କିନ୍ତୁ ଏବେ ମାତ୍ର ୨୩% ନିବେଶକ ଆମେରିକୀୟ ଷ୍ଟକ୍ ଏବଂ ବଣ୍ଡକୁ ପସନ୍ଦ କରୁଛନ୍ତି । ଏହା ସତ୍ତ୍ୱେ ଆମେରିକୀୟ ଅର୍ଥନୀତି ଏବେ ବି ଭଲ ପ୍ରଦର୍ଶନ କରୁଛି, ଯାହା ଏହି ଅବନତିକୁ ଆହୁରି ଜଟିଳ କରିଛି ।

ତେବେ, ସମସ୍ତେ ଏହି ଅବନତିକୁ ଆମେରିକାର ଆର୍ଥିକ ପତନର ସଙ୍କେତ ଭାବରେ ଦେଖୁନାହାଁନ୍ତି । କିଛି ବିଶେଷଜ୍ଞଙ୍କ ମତରେ, ଏହା କେବଳ ଏକ ସାମୟିକ ପୁନଃସମାୟୋଜନ (re-adjustment) । ଆମେରିକା ବର୍ଷ ବର୍ଷ ଧରି ବିଶ୍ୱ ବଜାରରେ ଅନ୍ୟମାନଙ୍କୁ ପଛରେ ପକାଇ ଆସିଛି, ତେଣୁ କିଛି ମାସର ଓଲଟା ପ୍ରଦର୍ଶନ ବିପର୍ଯ୍ୟୟ ନୁହେଁ । ସବୁଠାରୁ ବଡ଼ କଥା ହେଉଛି, ଡଲାର୍ ଏବେ ବି ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ଏବଂ ସଂରକ୍ଷିତ ମୁଦ୍ରା । 'There Is No Alternative" (TINA) ଅର୍ଥାତ୍ 'ଅନ୍ୟ କୌଣସି ବିକଳ୍ପ ନାହିଁ' – ଏହି ସିଦ୍ଧାନ୍ତ ଏବେ ବି ଡଲାର୍ କ୍ଷେତ୍ରରେ ପ୍ରଯୁଜ୍ୟ । ଆମେରିକାର ବଜାର ଏବେ ବି ବିଶ୍ୱର ସବୁଠାରୁ ବଡ଼ ଏବଂ ବିବିଧ ବଜାର । ଏକ ଦୁର୍ବଳ ଡଲାରର କିଛି ଲାଭ ମଧ୍ୟ ରହିଛି । ଏହା ଆମେରିକୀୟ ରପ୍ତାନିକାରୀମାନଙ୍କ ପାଇଁ ଭଲ, କାରଣ ସେମାନଙ୍କ ଉତ୍ପାଦ ବିଦେଶରେ ଶସ୍ତା ହୁଏ । ଏହା ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରେ ଏବଂ ଆମେରିକୀୟ ଉତ୍ପାଦକମାନଙ୍କୁ ବିଦେଶୀ ଆମଦାନୀ ତୁଳନାରେ ଅଧିକ ପ୍ରତିଯୋଗୀ କରିଥାଏ। ମୁଦ୍ରାର ଶକ୍ତିକୁ ଜାତୀୟ ଗୌରବର ପ୍ରତୀକ ଭାବରେ ଦେଖିବା ଉଚିତ୍ ନୁହେଁ ବୋଲି କିଛି ବିଶେଷଜ୍ଞ ମତ ଦିଅନ୍ତି ।

ତେବେ, ଡଲାରର ଭବିଷ୍ୟତ କ'ଣ ହେବ, ତାହା ଏକ କୋଟି ଡଲାରର ପ୍ରଶ୍ନ । ଅଧିକାଂଶ ବିଶ୍ଳେଷକ ଏବେ ହିଁ କୌଣସି ନିର୍ଣ୍ଣାୟକ ମନ୍ତବ୍ୟ ଦେବାକୁ ପ୍ରସ୍ତୁତ ନୁହଁନ୍ତି । କିନ୍ତୁ ଏହି ଚିନ୍ତା ବଢୁଛି ଯେ, ଡଲାରର ଏହି ଅବନତି ବିଶ୍ୱରେ ଆମେରିକାର ଆର୍ଥିକ ସ୍ଥିତିର ଏକ ଦୀର୍ଘକାଳୀନ ପୁନଃମୂଲ୍ୟାଙ୍କନର ପ୍ରତିଫଳନ ହୋଇପାରେ ଏବଂ ଡଲାରର ଅପ୍ରତିଦ୍ୱନ୍ଦ୍ୱୀ ପ୍ରାଧାନ୍ୟର ଯୁଗ ଶେଷ ହେବାକୁ ଯାଉଛି । ରୋଗୋଫ୍ ଭବିଷ୍ୟବାଣୀ କରିଛନ୍ତି ଯେ, ଆଗାମୀ ୧୦-୨୦ ବର୍ଷ ମଧ୍ୟରେ ବିଶ୍ୱ ଏକ 'ତ୍ରି-ଧ୍ରୁବୀୟ ପ୍ରଣାଳୀ' (tri-polar system) ଦେଖିବ, ଯେଉଁଠାରେ ୟୁରୋ, ଚୀନୀ ୟୁଆନ୍ ଏବଂ ଏପରିକି କ୍ରିପ୍ଟୋ ମୁଦ୍ରା ମଧ୍ୟ ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବେ । ଡଲାରର ରିଜର୍ଭ ମୁଦ୍ରା ମାନ୍ୟତା କ୍ଷୟ ହେବାରେ ଲାଗିଛି ଏବଂ ଟ୍ରମ୍ପଙ୍କ ନୀତି ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି । ଆମେରିକାର ଆର୍ଥିକ ଭବିଷ୍ୟତ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ହୋଇପାରେ, ଯାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି ।



ସିଂହଦ୍ୱାରରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଦର୍ଶନୀୟ ସ୍ଥାନ

ଭୋଳାନାଥ ସାହୁ

ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ଆରାଧ୍ୟ ଦେବତା । ବିଶ୍ୱର ମନ୍ଦିର ଗାତ୍ରରେ ପୂଜିତ ଦେବତାମାନଙ୍କ ମଧ୍ୟରେ ଏକମାତ୍ର ଦାରୁଦେବତା ଭାବରେ ପରିଚିତ ଶ୍ରୀଜଗନ୍ନାଥ । ସେ ଦାରୁବ୍ରହ୍ମ । ଯାହାଙ୍କୁ ନେଇ ଶ୍ରୀକ୍ଷେତ୍ର ବା ପୁରୁଷୋତମ କ୍ଷେତ୍ର ପ୍ରସିଦ୍ଧି ଲାଭ କରିଛି । ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିମନ୍ତେ ପୁରୀ ବିଶ୍ୱବିଖ୍ୟାତ । ୧୬ କିମି ପରିମିତ ଅଂଚଳକୁ ନେଇ ଶ୍ରୀକ୍ଷେତ୍ର ପରିବ୍ୟାପ୍ତ । ପୂର୍ବରେ ବାଲୁକେଶ୍ୱର ମନ୍ଦିର, ପଶ୍ଚିମରେ ଲୋକନାଥ ମନ୍ଦିର, ଉତରରେ ମାଟିଆନଈ ଠାରୁ ଦକ୍ଷିଣରେ ମହୋଦଧି କୂଳରେ ଥିବା ସ୍ୱର୍ଗ ଦ୍ୱାର ପର୍ଯ୍ୟନ୍ତ ବିସ୍ତୃତ । ବିଶ୍ୱାସ ଅଛି ଶ୍ରୀଜଗନ୍ନାଥଙ୍କ ଡ଼ୋରି ନଲାଗିଲେ ତାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳେନାହିଁ । ଯେତେବେଳେ ଭକ୍ତଟିଏ ତାଙ୍କର ଭାବର ଡ଼ୋରିରେ ବନ୍ଧା ହୋଇ ତାଙ୍କୁ ଦର୍ଶନ କରିବାର ସୁଯୋଗପ୍ରାପ୍ତ ହୁଏ, ତାଙ୍କୁ ଶ୍ରୀମନ୍ଦିରର ଚାରି ଦ୍ୱାର ମଧ୍ୟରୁ ଗୋଟିଏ ଦ୍ୱାର ଦେଇ ପ୍ରବେଶ କରିବାକୁ ପଡ଼ିଥାଏ । ଶ୍ରୀମନ୍ଦିରର ଚାରିଦ୍ୱାରର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ଯଦି ଭକ୍ତଟିଏ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରେ ତେବେ ମହାପ୍ରଭୁଙ୍କ ଦର୍ଶନଲାଭ କରିବା ପାଇଁ ଏହି ପଥ ଓ ସ୍ଥାନ ମଧ୍ୟ ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ । ଯଥା- ଅରୁଣସ୍ତମ୍ଭ, ସିଂହଦ୍ୱାର, ମେଘନାଦ ପ୍ରାଚୀର, ପତିତପାବନ, ବାଇଶି ପାହାଚ, କାଶୀବିଶ୍ୱନାଥ, କୂର୍ମବେଢ଼ା, ନାଟମଣ୍ଡପ, ଗରୁଡ଼ସ୍ତମ୍ଭ, ଭୋଗମଣ୍ଡପ, ଜୟବିଜୟଦ୍ୱାର, କଳାହାଟଦ୍ୱାର, ଜଗମୋହନ ଓ ରତ୍ନସିଂହାସନ ପ୍ରଭୃତି । ଅନ୍ୟଦ୍ୱାର ଦେଇ ପ୍ରବେଶ କଲେ କେତେକ ଗତିପଥ ବା ସ୍ଥାନର ଭିନ୍ନତା ଦେଖାଦେବା ସ୍ୱାଭାବିକ । ପ୍ରାୟତଃ ସର୍ବାଧିକ ଭକ୍ତ ସିଂହଦ୍ୱାର ବା ପୂର୍ବ ଦ୍ୱାର ବା ଧର୍ମଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥାନ୍ତି । ସିଂହଦ୍ୱାର ଦେଇ ପ୍ରବେଶ କଲେ ଭକ୍ତଟିଏ ପ୍ରାୟତଃ ଯେଉଁସବୁ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ଓ ଦେବା ଦେବୀଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥାଏ ତାହାର ସମ୍ୟକ ବିବରଣୀ ନିମ୍ନରେ ସୂଚିତ ହେଲା ।

୧) ସିଂହଦ୍ୱାର :- ଶ୍ରୀମନ୍ଦିରର ପୂର୍ବ ଦିଗକୁ ସିଂହଦ୍ୱାର କହନ୍ତି । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଏହା ହେଉଛି ମୁଖ୍ୟ ଦ୍ୱାର । ଏହାର ଅନ୍ୟନାମ ଧର୍ମଦ୍ୱାର । ସିଂହଦ୍ୱାର ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଶିଳ୍ପକଳା ମଣ୍ଡିତ ଦୁଇଟି ବଡ଼ସିଂହର ପ୍ରତିମୂର୍ତି ରହିଛି । ଏହା ଶକ୍ତିର ପ୍ରତୀକ । ସିଂହଦ୍ୱାରର ଉପରିଭାଗରେ ନବଗ୍ରହ ମୂର୍ତି ଓ ଏହାର ଉପରକୁ ମହାଲକ୍ଷ୍ମୀଙ୍କର ମୂର୍ତି ରହିଛି । ଏହାର ଉଭୟ ପାର୍ଶ୍ୱରେ ଜୟବିଜୟ ମୂର୍ତି ପ୍ରହରୀ ରୂପରେ ଚିତ୍ରିତ ହୋଇ ରହିଛି । ସିଂହଦ୍ୱାର ଦେଇ ପ୍ରବେଶ କଲେ ଅରୁଣସ୍ତମ୍ଭ ଭକ୍ତଙ୍କ ଦୃଷ୍ଟିକୁ ଆସିଥାଏ ।

୨) ଅରୁଣସ୍ତମ୍ଭ :- ଅରୁଣସ୍ତମ୍ଭ ସୂର୍ଯ୍ୟଦେବଙ୍କ ଶକ୍ତିର ପ୍ରତୀକ । ଏହାକୁ ପ୍ରଥମେ ସ୍ପର୍ଶ କଲେ ଭକ୍ତ ମନରେ ଥିବା ସମସ୍ତ ଗର୍ବ ଓ ଅହଂକାର ଦୂର ହୋଇଥାଏ ଓ ଜଗନ୍ନାଥ ଦର୍ଶନ ନିମନ୍ତେ କାୟ-ମନ-ବାକ୍ୟରେ ଦୃଢ଼ଶକ୍ତି ସଂଚାର ହୋଇଥାଏ । ଏହି ସ୍ତମ୍ଭକୁ ଅତିକ୍ରମ କଲେ ଭକ୍ତକୁ ଜୋତା, ସକ୍କୁ, ଚମଡ଼ା ବେଲ୍ଟ ଓ ଭ୍ୟାନିଟି, ଛତା ଠାରୁ ଦୂରରେ ରହିବାକୁ ପଡ଼ିଥାଏ । ଅରୁଣସ୍ତମ୍ଭକୁ ମରହଟ୍ଟା ଶାସନ କାଳରେ ଅର୍ଥାତ ଅଷ୍ଟାଦଶ ଶତାବ୍ଦୀରେ ବାଳବ୍ରହ୍ମଚାରୀ କୋଣାର୍କରୁ ଆଣି ପୁରୀର ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ସ୍ଥାପନ କରିଥିଲେ ।

୩) ମେଘନାଦ ପ୍ରାଚୀର:- ଶ୍ରୀମନ୍ଦିରର ବାହାର ବେଢ଼ା ପ୍ରାଚୀରକୁ ମେଘନାଦ ପାଚେରୀ କୁହାଯାଏ । ଶ୍ରୀମନ୍ଦିର ଭିତରକୁ ସମୁଦ୍ରର ଘୋ ଘୋ ଶବ୍ଦ ପ୍ରବେଶ ନକରିବା ପାଇଁ ମହାଲକ୍ଷ୍ମୀ ଏହାକୁ ନିର୍ମାଣ କରାଇଥିଲେ । ଏହି ପ୍ରାଚୀରର ଉଚ୍ଚତା ୨୨ ଫୁଟ ଓ ପ୍ରସ୍ଥ ୬.୫ ଫୁଟ । ଏହି ପ୍ରାଚୀରର ପ୍ରତିଟି ପ୍ରସ୍ତର ଖଣ୍ଡ ପବିତ୍ର । ତେଣୁ ଭକ୍ତ ପ୍ରବେଶ କାଳରେ ମେଘନାଦ ପାଚେରୀରେ ଭକ୍ତିରେ ମୁଣ୍ଡ ଲଗାଇ ପ୍ରଣାମ କରିଥାନ୍ତି ।

୪) ପତିତ ପାବନ :- ଶ୍ରୀଜଗନ୍ନାଥ ପତିତ ମାନଙ୍କୁ ଉଦ୍ଧାର କରୁଥିବାରୁ ତାଙ୍କର ଅନ୍ୟଏକ ନାମ 'ପତିତପାବନ' । ସିଂହଦ୍ୱାରର ଡ଼ାହାଣପାଖ ଘୁମୁଟରେ ପତିତପାବନ ବିରାଜମାନ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେଉଁମାନେ ମନ୍ଦିର ପ୍ରବେଶର ସୁଯୋଗ ପାଇପାରନ୍ତି ନାହିଁ ସେମାନେ ସିଂହଦ୍ୱାର ବାହାରୁ ଥାଇ ପତିତପାବନଙ୍କୁ ଦର୍ଶନ କରିଥାନ୍ତି । ପ୍ରବାଦ ଅଛି ପୁରୀର ଗଜପତି ଦ୍ୱିତୀୟ ଶ୍ରୀରାମଚନ୍ଦ୍ର ଦେବ ତତ୍କାଳୀନ ମୁସଲମାନ ସୁଲତାନଙ୍କ ବାଧ୍ୟବାଧକତାରେ ଇସଲାମ ଧର୍ମ ଗ୍ରହଣ କରିଥିଲେ । ସେ ହିନ୍ଦୁଧର୍ମ ନୀତିକୁ ସମ୍ମାନ ଜଣାଇ ମନ୍ଦିର ମଧ୍ୟକୁ ପ୍ରବେଶ କରୁନଥିଲେ । ସେଥିପାଇଁ ସେ ମନ୍ଦିର ପ୍ରବେଶରୁ ବଂଚିତ ହେଉଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ପତିତ ପାବନ ଦର୍ଶନ ବ୍ୟବସ୍ଥା ପ୍ରଚଳନ କରାଇଥିଲେ ।

୫) ବାଇଶି ପାହାଚ :- ବାଇଶି ପାହାଚ ବାଇଶି ଯୋଗିନୀଙ୍କ ପ୍ରତୀକ । ପ୍ରତ୍ୟେକ ମଣିଷ ବାଇଶି ପ୍ରକାରର ପାପ ବା ଦୋଷ କରିଥାନ୍ତି । ଯାହା ମୋକ୍ଷ ପ୍ରାପ୍ତିରେ ଅନ୍ତରାୟ ସୃଷ୍ଟି କରିଥାଏ । ଭକ୍ତଟିଏ ଯେତେବେଳେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ବାଇଶି ପାହାଚରେ ପାଦଥାପନ କରେ, ବାଇଶି ଯୋଗିନୀଗଣ ତାଙ୍କର ପ୍ରକୃତି ଜାଗ୍ରତ କରି ଭକ୍ତଙ୍କର ମନ୍ଦପ୍ରକୃତିକୁ ଦୂର କରି ସୁସ୍ୱଭାବ ତିଆରି କରନ୍ତି । ଫଳରେ ଭକ୍ତଟିଏ ଶୁଦ୍ଧ, ନିର୍ମଳ, ପବିତ୍ର ମନ ନେଇ ମହାପ୍ରଭୁଙ୍କୁ ଦର୍ଶନ କରିଥାଏ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅର୍ଥ ମୋକ୍ଷ ପ୍ରାପ୍ତି ସହିତ ସମାନ ।

୬) କାଶୀ ବିଶ୍ୱନାଥ :- ବାଇଶି ପାହାଚର ଦ୍ୱିତୀୟ ପାହାଚର ବାମ ପାର୍ଶ୍ୱକୁ କାଶୀବିଶ୍ୱନାଥ ମନ୍ଦିର ରହିଛି । ବିଷ୍ଣୁ ଦର୍ଶନ ପୂର୍ବରୁ ଯୋଗେଶ୍ୱର ଦର୍ଶନ ଜରୁରୀ । ଯୋଗେଶ୍ୱର ଶିବଙ୍କ ପ୍ରତୀକ ଓ ଶ୍ରୀଜଗନ୍ନାଥ ବିଷ୍ଣୁଙ୍କ ପ୍ରତୀକ । ଅର୍ଥାତ ଏଠାରେ ହର ହରିଙ୍କର ମହାସଂଯୋଗ ହୋଇଛି । ୭) କୂର୍ମବେଢ଼ା :- ବାଇଶି ପାହାଚ ଅତିକ୍ରମ କରିବା ପରେ ସମ୍ମୁଖରେ ଥିବା ଦୁଆରକୁ କୂର୍ମବେଢ଼ା କହନ୍ତି । ଏହି ବେଢ଼ା ଠାରୁ ଶ୍ରୀମନ୍ଦିରର ଭିତରବେଢ଼ା ଆରମ୍ଭ ହୁଏ । ଭିତରବେଢ଼ା ଶ୍ରୀମନ୍ଦିର ଓ ଅନ୍ୟ କେତେକ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିରକୁ ନେଇ ରୁଦ୍ଧିମନ୍ତ ।

୮) ନାଟମଣ୍ଡପ :- କୂର୍ମବେଢ଼ା ଅତିକ୍ରମ କରି ଦକ୍ଷିଣକୁ ଯାଇ ଶ୍ରୀମନ୍ଦିରର ଉତର ଦ୍ୱାର ଦେଇ ପ୍ରବେଶ କଲେ ଭକ୍ତ ନାଟମଣ୍ଡପରେ ପଦାର୍ପଣ କରିଥାନ୍ତି । ନାଟମଣ୍ଡପରେ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ତାଙ୍କର ଭକ୍ତ ବା ବାହନ ଗରୁଡ଼ମହାରାଜଙ୍କୁ ଆଲିଙ୍ଗନ କରିବାକୁ ପଡ଼ିଥାଏ । ଏହାପରେ ଭୋଗ ମଣ୍ଡପକୁ ଯିବାକୁ ହେଲେ ଜୟବିଜୟ ଦ୍ୱାର ଦେଇ ଯିବାକୁ ପଡ଼ିଥାଏ । ଏହାପୂର୍ବରୁ ପୂଜାପଣ୍ଡା ମାନଙ୍କ ଦ୍ୱାରା ଅବରୁଦ୍ଧ କରାଯାଇଥିବା ସ୍ଥଳୀକୁ ବାହାରକାଠ କୁହାଯାଏ । କେତେକ ନୀତିକାନ୍ତି ଚାଲିଥିବା ସମୟରେ ଭକ୍ତ ମାନଙ୍କୁ ବାହାର କାଠ ନିକଟରୁ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନକରି ଫେରିବାକୁ ପଡ଼ିଥାଏ ।

୯) ଗରୁଡ଼ସ୍ତମ୍ଭ :-ଗରୁଡ଼ ଶ୍ରୀଜଗନ୍ନାଥଙ୍କ ବାହନ । ସେ ସଦାସର୍ବଦା ଯୋଡ଼ହସ୍ତ ପୂର୍ବକ ପ୍ରଭୁଙ୍କ ପାଦକୁ ଚାହିଁ ଆଜ୍ଞା ଅପେକ୍ଷାରେ ଉପବେସନ କରିଥାନ୍ତି । ନାଟମଣ୍ଡପ ମଧ୍ୟରେ ଏହିସ୍ଥାନ ଏକାନ୍ତ ପବିତ୍ର । ବିଶ୍ୱାସ ଅଛି ଭକ୍ତ ମାନେ ଶନିବାର କିୟା ସଂକ୍ରାନ୍ତି ଦିନ ଗରୁଡ଼ଙ୍କୁ ସ୍ନାନ କରାଇ ସେହି ସ୍ନାନ ଜଳକୁ ନିଜ ଦେହରେ ବୋଳି ହେଲେ ଅସାଧ ରୋଗରୁ ମୁକ୍ତିଲାଭ କରନ୍ତି । ଶ୍ରୀଚୈତନ୍ୟ ଏହି ସ୍ଥାନରୁ ଠିଆ ହୋଇ ପ୍ରଭୁଙ୍କୁ ଦର୍ଶନ କରି ମୋକ୍ଷ ପ୍ରାପ୍ତି ହୋଇଥିଲେ ।


୧୦) ଭୋଗମଣ୍ଡପ :- ଶ୍ରୀମନ୍ଦିରର ଭୋଗ ମଣ୍ଡପ ଗଜପତି ପରୁଷୋତମ ଦେବଙ୍କ ସମୟରେ ପଂଚଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଏହାକୁ 'ଭୋଗବର୍ଦ୍ଧନ' ମଧ୍ୟ କୁହାଯାଏ। ଏଠାରେ ଦୁର୍ଗା ମାଧବଙ୍କ ମୂର୍ତି ରହିଛି । ଭୋଗମଣ୍ଡପରୁ ଜଗନ୍ନାଥଙ୍କ ରାସଲୀଳାର ଜୀବନ୍ତ ଚିତ୍ର ଭକ୍ତ ମାନେ ଦେଖିବାର ସୁଯୋଗଲାଭ କରି ବିଭୋର ହୋଇଥାନ୍ତି ।

୧୧) ଜୟବିଜୟ ଦ୍ୱାର :- ନାଟମଣ୍ଡପ ଓ ଭୋଗ ମଣ୍ଡପର ମଧ୍ୟବର୍ତି ଦ୍ୱାରକୁ ଜୟବିଜୟ ଦ୍ୱାର କୁହାଯାଏ । ଏହି ଦ୍ୱାର ଶିଳ୍ପଭାସ୍କର୍ଯ୍ୟରେ ପରିପୂର୍ଣ୍ଣ । ଜୟ ବିଜୟ ରତ୍ନସିଂହାସନର ଜାଗ୍ରତ ପ୍ରହରୀ। ଏମାନେ ବୈକୁଣ୍ଠ ପୁରର ଅମର ଦେବତା ।

୧୨)କଳାହାଟଦ୍ୱାର :- ଶ୍ରୀଜଗନ୍ନାଥଙ୍କ ୧୬ କଳାର ପ୍ରତୀକ ହେଉଛି କଳାହାଟଦ୍ୱାର । ୧୬ କଳା ହେଉଛି - ସିଦ୍ଧି, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆସକ୍ତି, ରତି, କେଳି, ସତ୍ୟ, ସୁସୁପ୍ତି, ତୁରୀୟ, ଅମା, ମୁକ୍ତି ଓ ନିର୍ବାଣ ପ୍ରଭୃତି । ଏହା ଯୋଗିନୀ ମାନଙ୍କର ଆଜ୍ଞାଚକ୍ର । କଳାହାଟଦ୍ୱାର କଳାମାନଙ୍କର ମିଳନସ୍ଥଳୀ । ୧୩) ଜଗମୋହନ :- ରତ୍ନସିଂହାସନର ସମ୍ମୁଖ ଭାଗକୁ ଜଗମୋହନ କହନ୍ତି । ଏହିସ୍ଥାନ ଏକାନ୍ତ ପବିତ୍ର ଅଟେ । ଚତୁର୍ଦ୍ଧାମୂର୍ତିଙ୍କ ବିଭିନ୍ନ ପର୍ବ ପର୍ବାଣୀ ମାନଙ୍କରେ ଏହିସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ।

୧୪) ରତ୍ନସିଂହାସନ :- ରତ୍ନସିଂହାସନ ଶ୍ରୀମନ୍ଦିରର ସର୍ବୋଚ୍ଚ ପବିତ୍ର ସ୍ଥଳୀ । ଯେଉଁଠାରେ ଏକଲକ୍ଷ ଶାଳଗ୍ରାମ ପୋତାଯାଇ ପ୍ରତିଷ୍ଠା କରାଯାଇଥିବା କୁହାଯାଏ । ଏହା ଅଲୌକିକ । ଏହାକୁ 'ଶଙ୍ଖନାଭିମଣ୍ଡଳ' ବୋଲି କୁହାଯାଏ । ଏହି ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତି ବଳଭଦ୍ର, ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନ ଯଥାକ୍ରମେ ବାମରୁ ଦକ୍ଷିଣକୁ ଉପବେସନ କରିଥାନ୍ତି । ଏହା ସହିତ ଠାକୁରଙ୍କ ସମ୍ମୁଖ ଭାଗରେ ଶ୍ରୀମାଧବ, ଶ୍ରୀଦେବୀ ଓ ଭୂଦେବୀ ରତ୍ନସିଂହାସନରେ ଆସୀନ ହୋଇଥାନ୍ତି । ତେଣୁ ରତ୍ନସିଂହାସନର ଅନ୍ୟନାମ 'ସପ୍ତବର୍ଣ୍ଣପୀଠ' ବା 'ସପ୍ତାଭରଣ' ।

ଭକ୍ତାଧୀନ ଭଗବାନ ଶ୍ରୀଜଗନ୍ନାଥ । ଏକଦା ନାରଦମୁନୀଙ୍କ ପ୍ରଶ୍ନର ଉତରରେ ମହାପ୍ରଭୁ କହିଥିଲେ - "ନାରଦ ! ନା ମୁଁ ବୈକୁଣ୍ଠରେ ରହେ, ନା ମୁଁ ଯୋଗୀ ମାନଙ୍କ ହୃଦୟରେ ରହେ, ମୋର ଭକ୍ତମାନେ ମୋତେ ଯେଉଁଠାରେ ଜପକରନ୍ତି ମୁଁ ସେହିଠାରେ ହିଁ ରହିଥାଏ ।" ଚକା ଆଖିରେ ସେ ଜଗତ ମୋହନ୍ତି । ଭକ୍ତଟିଏ ଯେତେବେଳେ ମାନବୀୟ ଚକ୍ଷୁକୁ ପ୍ରଭୁଙ୍କ ଦିବ୍ୟଚକ୍ଷୁ ସହିତ ସମନ୍ୱିତ କରିଦିଏ ସେହିଁ ଅନୁଭବ କରେ ଶ୍ରୀଜଗନ୍ନାଥ ଯେମିତି ମୋତେ, କେବଳ ମୋତେହିଁ ଦେଖୁଛନ୍ତି । ଆଉ ହାତ ଦୁଇଟି ଦେଖି ମୋହଗ୍ରସ୍ତ ହୋଇ କହେ - 'ଭଗବା



ପୁଲକଚିତ୍ର





ଧୂନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୪

ଶନିବାର, ୧୨ ଜୁଲାଇ ୨୦୨୫

ଦୁଷ୍ଟ ଭାଲୁ ଛୁଆ ଓ ପାରା

ସୁବ୍ରତ ମଲିକ



ବହୁତ ଦିନ ପୂର୍ବର କଥା । ଭାଲୁ ଛୁଆଟିଏ ଚିଲିକା ହ୍ରଦ ନିକଟସ୍ଥ ସୁନ୍ଦରବନ ନାମକ ଜଙ୍ଗଲରେ ରହୁଥିଲା । ସେ ଦେଖିବାକୁ ବହୁତ ସୁନ୍ଦର ଓ ଡଉଲଡାଉଲ ଥିଲା,କିନ୍ତୁ ସବୁବେଳେ ଅଧିକ ଗପିବାକୁ ଚାହୁଁଥିଲା । ଯଦି କେହି ତା କଥା ଭଲ ଭାବେ ଶୁଣୁ ନଥିଲା, ତେବେ ସେ ହଠାତ ରାଗିଯାଇ ଆକ୍ରମଣ କରୁଥିଲା । ଏଥିଲାଗି ଜଙ୍ଗଲର ଅନ୍ୟାନ୍ୟ ପଶୁପକ୍ଷୀ ତା ପ୍ରତି ଟିକିଏ ଭୟ ଭାବ ରଖୁଥିଲେ । ଛୁଆଟିଏ ହେତୁ କେହି ବି କିଛି କହୁନଥିଲେ। ତଥାପି ସେମାନେ ଈଶ୍ୱରଙ୍କୁ ମନେମନେ ପ୍ରାର୍ଥନା କରୁଥିଲେ ଯେ, ସେହି ଭାଲୁ ଛୁଆ ସହିତ ଭୁଲରେ ବି କେବେ ବାଟଅବାଟରେ ଭେଟ ନ ହେଉ ।

ଏହା ଭିତରେ ଶୀତ ଋତୁ ଧରାପୃଷ୍ଠକୁ ଅବତରଣ କରିସାରିଥାଏ। ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଦେଶ ବିଦେଶରୁ ନାନା ଜାତିର ପକ୍ଷୀ ଚିଲିକା ହ୍ରଦକୁ ଆସିଥାନ୍ତି । ସେମାନଙ୍କ ମଧ୍ୟରେ ଏକ ପାରାଟିଏ ଥିଲା, ଯିଏ ପ୍ରଥମଥର ନିଜ ସାଥିମାନଙ୍କ ସହ ଏଠାକୁ ଆସିଥିଲା । ସେ ସୁନ୍ଦରବନ ଜଙ୍ଗଲରେ ବସାଟିଏ ଗଢି ରହିବାକୁ ଲାଗିଲା। ସେ ବହୁତ ଶାନ୍ତ, ବୁଦ୍ଧିମାନ, ଜ୍ଞାନୀ ଥିଲା ଏବଂ କଥା ଚାତୁରୀ ହାସଲ କରିଥିଲା। ମାତ୍ର ଦିନ କେଇଟାରେ ଜଙ୍ଗଲର ପଶୁପକ୍ଷୀମାନେ ତା'ର କଥାବାର୍ତ୍ତା, ଜ୍ଞାନ ଏବଂ ନମ୍ର ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇ ତା ସହିତ ବନ୍ଧୁତା ସ୍ଥାପନ କରିନେଲେ ।

ଏସବୁ ଦେଖି ସେହି ଭାଲୁ ଛୁଆଟି ସହିପାରିଲା ନାହିଁ। ଧୀରେ ଧୀରେ ସେ ପାରାକୁ ଘୃଣା କରିବାକୁ ଲାଗିଲା । ସେ ଭାବିଲା, 'ଏହି ପାରା ଏ ଜଙ୍ଗଲକୁ ଆସୁଆସୁ କିପରି ସମସ୍ତଙ୍କ ପ୍ରିୟ ହୋଇଗଲା ? ମୁଁ ଏତେଦିନ ଧରି ଚେଷ୍ଟା କରି ମଧ୍ୟ ହୋଇପାରିଲି ନାହିଁ !' ତେଣୁ ସେହି ପାରାଟିକୁ ପାନେ ଦେବା ପାଇଁ ସେ ସୁଯୋଗ ଖୋଜିବାକୁ ଲାଗିଲା ।

ଗୋଟେ ଦିନ ଯେତେବେଳେ ପାରାଟି ଏକ ଗଛ ମୂଳେ ବସି ପଶୁପକ୍ଷୀମାନଙ୍କୁ କାହାଣୀଟିଏ କହୁଥିଲା, ଭାଲୁ ଛୁଆଟି ଆସି ସେଠାରେ ପହଞ୍ଚିଗଲା। ଚିଲେଇ କରି କହିଲା, ' ଏ ଜଙ୍ଗଲ ଓ ଜଙ୍ଗଲର ପଶୁପକ୍ଷୀ କେବଳ ମୋ କାହାଣୀ ଶୁଣିବ, ଆଉ କାହାରି ନୁହେଁ। ତେଣୁ ତୁମେ ନିଜର କାହାଣୀ ଏହିଠି ହିଁ ବନ୍ଦ କର ଓ ଚାଲିଯାଅ। ନଚେତ ମୁଁ ତୋର ପ୍ରାଣ ନେଇଯିବି !'

ଛୋଟ ଭାଲୁଟିର ଦାଦାଗିରି ଦେଖି ଉପସ୍ଥିତ ସବୁ ପଶୁପକ୍ଷୀ ବହୁତ ରାଗିଗଲେ। ପାରା ପ୍ରତି ସମର୍ଥନ ଜଣାଇ ସିଂହ କହିଲା," ତୋର ଯଦି ସାହସ ଅଛି ତେବେ ପାରା ଦେହରେ ହାତ ଲଗାଇ ଦେଖା। ଆଜି ଯଦି ତୋର ଶେଷ ଦିନ ନ ହୁଏ ତେବେ ମୋତେ କହିବୁ। ବହୁତ ଦିନ ହେଲାଣି ତୋ'ର ଦୁଷ୍ଟାମୀକୁ ଆମେ ସବୁ ଚୁପଚାପ



ସହିଆସିଲୁ। ଏବେ ଆଉ ନୁହେଁ।" ପରିସ୍ଥିତି ଜଟିଳ ହେଉଥିବାର ଦେଖି ବିଲୁଆ କହିଲା - "ଭାଲୁ ଛୁଆଟି ଯଦି ଆମକୁ କାହାଣୀ ଶୁଣାଇବାକୁ ଚାହୁଁଛି, ତେବେ ତା'କୁ ମଧ୍ୟ ସୁଯୋଗ ଦିଆଯାଉ। ଏମିତି ନିଜ ଭିତରେ ବାଡିଆପିଟା ହୋଇ ଲାଭ କ'ଣ ! ପାରା ଓ ଭାଲୁ ମଧ୍ୟରେ ଯିଏ ଭଲ କାହାଣୀ କହିବ, ସେ ବିଜୟୀ ଘୋଷିତ ହେବ। ଆଉ ସେ ସବୁବେଳେ ଆମକୁ କାହାଣୀ ଶୁଣାଇବ। ଯିଏ ହାରିଯିବ, ସିଏ ଆଉ କେବେବି କାହାଣୀ ଶୁଣାଇବାକୁ କହିବ ନାହିଁ "। ସମସ୍ତେ ବିଲୁଆର ଏ ପ୍ରସ୍ତାବକୁ ଗ୍ରହଣ କଲେ ।

ତହିଁ ପରଦିନ ସମସ୍ତ ପଶୁପକ୍ଷୀ ଜଙ୍ଗଲ ମଧ୍ୟରେ ଏକ ବଡ଼ ବରଗଛ ତଳେ ଏକତ୍ରିତ ହେଲେ। ପ୍ରଥମେ ଭାଲୁ କାହାଣୀ କହିବା ଆରମ୍ଭ କଲା। କିନ୍ତୁ ସେ ଏତେ ଶୀଘ୍ର ଓ କର୍କଶ ଭାବରେ କାହାଣୀ କହିଲା ଆରମ୍ଭ କଲା ଯେ ସମସ୍ତେ କାନରେ ହାତ ଦେଇ ତା କାହାଣୀ ସରିବାକୁ ଅପେକ୍ଷା କଲେ।

ଏବେ ପାରାର ପାଳି ଆସିଲା । ପାରାଟି ନିଜ ସ୍ୱଭାବ ମୁତାବକ କାହାଣୀ ଶୁଣାଇବା ଆରମ୍ଭ କଲା । ଦୟା, କ୍ଷମା, ପରୋପକାର ଆଧାରିତ କାହାଣୀଟିକୁ ସେ ଏତେ ସୁନ୍ଦର ଭାବରେ ପରିବେଷଣ କରୁଥିଲା ଯେ ଏପରିକି ଦୁଷ୍ଟ ଭାଲୁଟି ମଧ୍ୟ ଚୁପଚାପ୍ ବସି ଶୁଣୁଥିଲା । ଉଭୟଙ୍କ କାହାଣୀ ଶୁଣିବା ପରେ ସବୁ ଜୀବଜନ୍ତୁଙ୍କ ମତାମତ ଆଧାରରେ ଜଙ୍ଗଲର ରାଜା ସିଂହ ପାରାକୁ ବିଜେତା ଘୋଷିତ କଲେ।

ପରାଜିତ ହେବା ଦୁଃଖରେ ଭାଲୁ ଛୁଆଟି ଭାଙ୍ଗିପଡ଼ିଲା। ଅଧିକ ସମୟ ସେଠାରେ ରହିଲେ ନିଜର ଅପମାନ ହେବ ବୋଲି ମନେ କରି ସେ ସେହି ସମୟରେ ନିଜ ଗୁମ୍ଫାକୁ ଫେରିଲା। ଫେରୁଥିବାବେଳେ ସେ ଦେଖିଲା ଏକ ଗଛ କଡ଼ରେ ଦୁଇଟି କୁଆ ଛୁଆ ବସାରୁ ଖସିପଡ଼ିଛି । ଭାଲୁ ପ୍ରଥମେ ଭାବିଲା, 'ମୁଁ କାହିଁକି କୁଆ ଛୁଆକୁ ସାହାଯ୍ୟ କରିବି, ମୋତେ ବା ଏଥିରୁ କ'ଣ ମିଳିବ ! କୁଆ ଛୁଆକୁ ସାହାଯ୍ୟ କରିବାକୁ ଯାଇ ମୋର ଗୁମ୍ଫାକୁ ଯିବା ବିଳମ୍ବ ହେବ।'

ଏମିତି ଭାବୁଥିବାବେଳେ ହଠାତ ପାରା ପାଖରୁ ଶୁଣିଆସିଥିବା କାହାଣୀଟି ତା'ର ମନେ ପଡ଼ିଗଲା - 'ପ୍ରକୃତ ଖୁସି ଜୀବୋଦୟା ଓ ପରୋପକାରରେ ହିଁ ଥାଏ।' ତେଣୁ ସେ ପଡିଯାଇଥିବା କୁଆ ଛୁଆ ଦୁଇଟିକୁ ବସା ସହିତ ନେଇ ଗଛ ଡାଳରେ ରଖିଦେଲା । ଏସବୁ ଦୃଶ୍ୟକୁ ମାଆ କୁଆ ଦୂରରୁ ଅନିଷା କରୁଥାଏ ।

ଆଉ ବିଳମ୍ବ ନକରି ମାଆ କୁଆ ଆସି ସେଠାରେ ପହଞ୍ଚିଗଲା। " ତୁମେ ଏପରି କାମ କରି ସହୃଦୟର ପରିଚୟ ଦେଇଛ। ଆଜିଠାରୁ ମୁଁ ତୁମ ନିକଟରେ ଚିରଋଣୀ। ତୁମ ପରି ପରୋପକାରୀ ପ୍ରାଣୀଙ୍କର ଆବଶ୍ୟକତା ଏ ଜଙ୍ଗଲକୁ ଓ ସବୁ ପଶୁପକ୍ଷୀଙ୍କୁ ରହିଅଛି" ବୋଲି କହି କୃତଜ୍ଞତା ଜ୍ଞାପନ କଲା।

ନିଜର ପ୍ରଥମଥର ଏମିତିକା ପ୍ରଶଂସା ଶୁଣି ଭାଲୁଛୁଆଟି ବହୁତ ଖୁସି ଅନୁଭବ କଲା । ସେ ଏଥର ବୁଝିଗଲା ଯେ ପାରାଟି କିପରି ସଭିଙ୍କର ପ୍ରିୟ ଏତେ ଶୀଘ୍ର ହୋଇଗଲା । ସେହି ମୁହୂର୍ତ୍ତରେ ସେ ପାରା ନିକଟକୁ ଯାଇ ନିଜ ପୂର୍ବ ବ୍ୟବହାର ପାଇଁ କ୍ଷମା ମାଗିଲା ଏବଂ ଦୁଃଖ ପ୍ରକାଶ କଲା ।

ଏହା ପରେ ଧୀରେ ଧୀରେ ଭାଲୁ ଛୁଆଟି ବଦଳିଗଲା। ଜଙ୍ଗଲର ସବୁ ଜୀବଜନ୍ତୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଗଲା ।

+କୋରୁଆ, ଅସୁରାଳି, ଭଦ୍ରକ

ମୋ: ୭୦୦୮୩୧୫୯୧୬



ଆମ ଜେଜେ

ସୁଜିତ କୁମାର ମିଶ୍ର

ହାତେ ଧରି ବାଡି ଆକଟ କରନ୍ତି
ସକାଳରୁ ସଞ୍ଜ ଯାଏ,
ଅବୁଝା ହୋଇଲେ ଗାଳି ଦେଇ ସାରି
ଦୁଃଖ କରିଥାନ୍ତି ସିଏ ।

ଗୋଡ ତଳେ ବସି ଭୁଲ ମାଗୁ ତାଙ୍କୁ
ଧରି ଆମ ଦୁଇ କାନ,
ତାଙ୍କ ରାଗ ରୋଷ ଉଭେଇ ଯାଏଟି
ତୁଟେ ସବୁ ଅଭିମାନ ।

ସିଏ ଆମ ଜେଜେ ଘରର ମୁରବି
ସବୁକୁ ନିଅନ୍ତି ସହି,
ଅମାପ ସେନେହ ଶରଧା ତାଙ୍କର
ଆମ ବାଧା ନିଏ ଧୋଇ ।

ବଡ ବଡ ନିଶ ଆଖିରେ ଚଷମା
ଜେଜେଙ୍କ ଥନ୍ତଲା ପେଟ,
ଅଶୀ ବୟସେ ବି ହସରେ ଖୁସିରେ
ସହଜେ ଚାଲନ୍ତି ବାଟ ।

ପଢନ୍ତି ପୁରାଣ ଗୀତା ଭାଗବତ
ଗାଧୋଇ ସାରିବା ପରେ,
ନୀତିଶିକ୍ଷା କେତେ କହନ୍ତି ବୁଝାଇ
ମଜା ଗପ ମାଧ୍ୟମରେ ।

ଜେଜେମା କହନ୍ତି ତୁମ ଜେଜେ ପରା
ପରାଧୀନ ବେଳ ଲୋକ,
ତାଙ୍କ ଠାରେ ଦେଖୁ ଗାନ୍ଧୀ ଗୋପବନ୍ଧୁ
ନେତାଜୀଙ୍କ ନୀତି ଯାକ ।

ଆମ ଜେଜେ ପାଇଁ ଘରଟି ସତେକି
ଲାଗଇ ସରଗ ସମ
ସକଳେ ନମିବା ତାଙ୍କ ଚରଣରେ
ସେ ପରା ଦେବତା ଆମ ।

ଜନାର୍ଦ୍ଦନପୁର ଶାସନ

କେନ୍ଦୁଝର

ମୋ: ୭୬୮୩୮୬୭୭୪୨

ଘଣ୍ଟା ଚାଲେ ଟିକ୍ କାମ କରିବା ଠିକ୍

ସୁନନ୍ଦା ମହାନ୍ତି



ର । ଜୁ ସହରରେ ରହି ଏଣିକି ଖୁବ ଭଲ ପଢୁଥାଏ ସତ କିନ୍ତୁ ଗ ର 1 ବ ହୋଇଥିବାରୁ ତାଙ୍କ ଘରେ ଭଲ ଭଲ ଜିନିଷ ନଥାଏ ଖାଇବାକୁ କି ଖେଳିବାକୁ ଭଲ ଜିନିଷ ନଥାଏ। ମାଆଟି ହୋଟେଲରୁ ଯାହା ପାଏ ସେଥିରେ ରାଜୁର ପଢ଼ା ଜିନିଷ ସବୁ କିଣେ ଓ ହୋଟେଲ ଖାଦ୍ୟ ଖାଇ ପରିବାର ଜେନ ତେନ ପ୍ରକାରେ ଚଳି ଯାଆନ୍ତି। ରାଜୁର ଭଉଣୀଟିଏ ମଧ୍ୟ ଥାଏ। ସେ କିନ୍ତୁ ସ୍କୁଲ ଯାଇ ନପାରି ମନଦୁଃଖରେ ଥାଏ। ମାଆ ସହ ଘରକାମରେ ସହଯୋଗ କରୁଥାଏ। ହୋଲି ଆସିବାରୁ ସ୍କୁଲ ଛୁଟି ହେଲା। ଭାଇ ରାଜୁ ସ୍କୁଲରୁ ଆସିବା ବେଳେ ଖୁବ ସୁନ୍ଦର ନୂଆ ପିଚକାରୀଟିଏ ଆଣିଥାଏ। ମାଆ ଯେତେବେଳେ ଦେଖିଲେ ଭାବିଲେ ରାଜୁ ସ୍କୁଲରେ ଭଲ ପଢୁଥିବାରୁ ତାକୁ ତା ସାଙ୍ଗମାନେ ବୋଧେ ଦେଇଛନ୍ତି। ଭଉଣୀ ମୀନା କିଛି ନକହିଲେ ମଧ୍ୟ ପ୍ରତିଦିନ ଭାଇ ତା ବ୍ୟାଗରେ କିଛି କିଛି ନୂଆ ଜିନିଷ ଯଥା କମ୍ପାସ, ଆଟଲାସ, ବଲ ଆଣିବା ଦେଖି ସନ୍ଦେହରେ ପଡୁଥାଏ। ହୋଲିରେ କିଛି କିଛି ନାଲି ନେଳି ଫଗୁରଙ୍ଗରେ ପରିବାର ଲୋକ ରଙ୍ଗ ଖେଳିଥିଲେ ମଧ୍ୟ ରାଜୁ ତା ପିଚକାରୀ ବ୍ୟବହାର କରିନଥିଲା। ମାଆ ଭାବିଲେ ମୋ ପୁଅ କେତେ ଭଲ ଯେ ତା ସାଙ୍ଗମାନେ ତାକୁ ନୂଆ ସୁନ୍ଦର ପିଚକାରୀଟିଏ ଦେଇଥିଲେ ମଧ୍ୟ ସେ ରଙ୍ଗ ମାରି କାହାର ଆଖି କାନ ଓ ଚର୍ମ ଖରାପ ହେବାକୁ ଦେଇନି। ଭଉଣୀ କିନ୍ତୁ ସନ୍ଦେହ କରୁଥିଲା।

ଦୋଳ ଛୁଟି ପରେ ରାଜୁ ସ୍କୁଲ ଗଲା ଓ ଫେରିଲା ବେଳେ ତା ବ୍ୟାଗରେ ଥିବା ଗୋଟେ ଦାମିକିଆ ଘଣ୍ଟାକୁ ବକ୍ସରେ ରଖି ଚାବିଦେବା ମୀନା ଦେଖିନେଲା। ତା ଆରଦିନ ବକ୍ସ ଭଙ୍ଗା ଯାଇ କେହି ଘଣ୍ଟା ଚୋରୀ କରିଛି କହି ରାଜୁ ମାଆ ଆଗରେ କହି କାନ୍ଦୁଥିଲା। ମାଆ ପୂର୍ବପରି ଭାବିଲେ ମୋ ପୁଅର ପାଠ ପଢ଼ାରେ ଖୁସି ହୋଇ ଶିକ୍ଷକ ବା ଶ୍ରେଣୀ ଶିକ୍ଷୟତ୍ରୀ କେହି ନିଶ୍ଚୟ ଘଣ୍ଟାଟିକୁ ଉପହାର ଦେଇଛନ୍ତି ମୋ ପୁଅକୁ। ସେୟା ଭାବି ମାଆ କହିଲା ହଉ ମୁଁ ଆଜି ସ୍କୁଲ ଯାଇ ଘଡିଟିକୁ କାଢି ରାସ୍ତାରୁ ପାଇଛି କହି ଦେବାରୁ ଭାଇ ଯେମିତି ଭଲ ଭଉଣୀ ସେମିତି ସାଧୁ ନହୋଇଥିଲେ ପାଇଥିବା ଦରବ ଫେରେଇବାକୁ ସ୍କୁଲ ଆସିନଥାନ୍ତା କହି ତାକୁ ବହୁତ ପ୍ରଶଂସା କରିଚାଲିଥିଲେ ସମସ୍ତେ ଓ ମୀନାର ପରିବାର ବିଷୟରେ ସବୁ ଶୁଣି ହେଡ଼ ସାର୍ ତାର ପାଠ ପଢ଼ାର ସମସ୍ତ ବ୍ୟବସ୍ଥା ଓ ବନ୍ଦୋବସ୍ତ କରିଦେଇଥିଲେ। ସେଦିନ ରାତିରେ ମାଆଙ୍କ ପାଦ ଧରି ମୁନା କହୁଥିଲା ଏମିତି ଭୁଲ ଆଉ କେବେ କରିବିନି ମାଆ। ମତେ ଥରଟେ କ୍ଷମା କରିଦିଅ। ମୀନା କହୁଥିଲା କ୍ଷମା କରିଦିଅ ନା ମାଆ।



ମାଆ ସହ ମୀନା ଯାଇ ସ୍କୁଲରେ ପହଁଚିଲା ବେଳକୁ ରାଜୁ କ୍ଲାସରେ ଥିବା ବିଜୁର ନୂଆ ଘଣ୍ଟା ଚୋରୀ ହୋଇଥିବାରୁ ମୀଟିଙ୍ଗ ବସିଥିଲା। ସ୍କୁଲର ହେଡ଼ ସାର ବିଜୁ ସ୍କୁଲକୁ ଦାମିକିଆ ଘଣ୍ଟା ନେଇ ଆସିବା ଉଚିତ ନୁହେଁ କହିଥିଲେ କିନ୍ତୁ ବିଜୁ କହିଥିଲା ସେହିକଥା ରାଜୁ ତାକୁ କହିବାରୁ ସେ ଘଡିଟିକୁ ହାତରୁ ଖୋଲି ବ୍ୟାଗରେ ରଖିଦେଇଥିଲା କିନ୍ତୁ ଘରେ ଯାଇ ଦେଖିଲା ବେଳକୁ ଘଣ୍ଟା ନଥିଲା। ସମସ୍ତେ କହିଲେ ତୋର ସବୁ ଭୁଲ ବିଜୁ। ରାଜୁ କେତେ ଭଲ ପିଲା ବୋଲି ତତେ ଏତେ ପିଲାଙ୍କ ଭିତରେ ଦାମୀ ଘଡି ନପିନ୍ଧି କାଢି ରଖିବାକୁ କହିଲା କିନ୍ତୁ ତୁ ହଜେଇ ଦେଲୁ ? ରାଜୁ କହୁଥିଲା ସ୍କୁଲରେ ମୋର କମ୍ପାସ, ଆଟଲାସ, ନୂଆ ମୁଖାମୁଁହ

ସାକ୍ଷୀଗୋପାଳ, ପୁରୀ

ମୋ: ୯୦୪୦୯୭୭୩୨୭

କହରେ କହ କଳାବଉଦ

ପ୍ରଶାନ୍ତ କୁମାର ଦାଶ

ଖରାର ତାତି କେତେ ସହିଲୁ
ପାଇଲୁ ପୁଣି ଦୁଃଖ
ବରଷା ଆସି ଢାଳିଦେ ଜଳ
ଦେଏରେ ଟିକେ ସୁଖ ।

ଝଡ଼ତାସ ଡରାଏ ଆସି
ଥରାଏ ଘଡଘଡି
କାଳ ବୈଶାଖୀ ଭାଙ୍ଗଇ ଗଛ
ଡାଳକୁ ମୋଡିମାଡି ।

ବଉଦ ମେଳି ଭଳିକି ଭଳି
ଅନ୍ଧାର ଆସେ ମାଡ଼ି
ବରଷି ଗଲେ ବରଷାଧାରା
ଖରା ପଳାଏ ଛାଡ଼ି ।

କଳାବଉଦ କହରେ କହ
ପୋଛ ଆଖିର ଲୁହ
ଶୁଖିଲାନଈ ଛାତିରେ ଛୁଟୁ
ଗୋଳିପାଣିର ସୁଅ ।

ଆମ ଜଗତ ହୋଇବ ହିତ
ଆସ ବରଷା ମିତ
ତୁମରିପାଇଁ ବନ୍ଧିବେ ବସା
ଚଢ଼େଇ ଗାଇ ଗୀତ ।

ସାଧବବୋହୂ ହସର ମହୁ
ଢାଳି ଚାଲିବ ଘାସେ
ପରଜାପତି ହୋଇବ ଖୁସୀ
ସାଜ ସୁମନ ବାସେ ।

ଉଠିବ ଘାସ ହୋଇବ ଚାଷ
ଭିଜିଲେ ମାଟି ଛାତି
ହେବ ଫସଲ ପୁଣି ହଟିବ
ଅଦିନ ଦୁଃଖରାତି ।

+ କୁଞ୍ଜର -ସଙ୍ଗଳାଇ

ପିପିଲି -ପୁରୀ

ମୋବାଇଲ -୯୬୬୮୮୨୨୧୯୦

ଝଡି ବରଷା

କୀର୍ତ୍ତନ ସାହୁ

ଝଡି ବରଷା ତ ଲାଗି ଅଛି ଏବେ
ବାହାରକୁ ଯାଇ ହେଉ ନାହିଁ
ଜରୁରୀ ନ ଥିଲେ ବାହାର ଯିବାକୁ
ତରବର ହେବା କାହିଁ ପାଇଁ !

ରାସ୍ତା ଘାଟ କୁଅ ପୋଖରୀ ସବୁଠି
ଦିଶୁ ଅଛି ଖାଲି ଜଳମୟ
ଚାଷୀ ଭାଇ ତାର କାମେ ଲାଗି ଅଛି
କେତେବେଳେ ଟିକେ ନାହିଁ ଥୟ ।

ଛତା ଧରି ଅବା ବରଷାତି ପିନ୍ଧି
ଗଲେ ବି ସୁବିଧା ହେଉ ନାହିଁ
ମାଆ କହୁଥାନ୍ତି ଏତେ ବରଷାରେ
ପଦାକୁ ଯାଉଛ କାହିଁ ପାଇଁ ?

ବେଙ୍ଗ ବେଙ୍ଗୁଲୀଙ୍କ ରାବ ଶୁଭୁ ଅଛି
ସଞ୍ଜ ବେଳ ଟିକେ ହେଉ ହେଉ
ବରଷା ଝଡିରେ ଲିଭି ଯାଉ ଅଛି
ମାଆ ସଞ୍ଜବତୀ ଦେଉ ଦେଉ ।

ଅଜା ଆଈ ଆମ ପକୁଡ଼ି ସାଥୀରେ
ମୁଢ଼ି ଖାଉଛନ୍ତି ହସି ହସି
ଡାକୁଥାନ୍ତି ଆରେ ନାତି ଟୋକା ଆ '
ମୁଢ଼ି ଦି ' ଟା ଖା ପାଖେ ବସି ।

+ମିଶ୍ର କଲୋନୀ

ଶାଳପଡ଼ା , କେନ୍ଦୁଝର

ମୋ: ୯୪୩୮୪୧୪୭୦୧

ପିଲାଙ୍କର ପ୍ରିୟ

ଧ୍ରୁବ ଚରଣ ଘିବେଲା

ସକାଳ ପାହିଲେ
ମୁହଁକୁ ଧୋଇଲେ
ପଢ଼ାରେ ବସନ୍ତି ହସି
ବହି ଖାତା ଖୋଲି
ପଢ଼ା ଓ ଲେଖାରେ
ପିଲାଏ ରହନ୍ତି ବେଶି ।
ସକାଳର ପାଠ
ଗଣିତ ସାହିତ୍ୟ
କେ କଷେ ଗଣିତ ଆଗ
ମିଶାଣ ଫେଡ଼ାଣ
ଗୁଣନ ହରଣ
ଯାହାକୁ ଯେମିତି ବାଗ ।
ସାହିତ୍ୟ ପାଠକୁ
କିଏ ପଢ଼େ ଧିରେ
କିଏ ପଢ଼େ ଉଚ୍ଚ ସୁରେ
ନିର୍ଭୁଲ ପଢ଼ିକି
ନିର୍ଭୁଲ ଲେଖିକି
ଅକ୍ଷରକୁ ଗୋଲ କରେ ।
ସକାଳର ପାଠ
ରଖି ବହିପତ୍ର
ଗାଧୁଆ ପାଧୁଆ ସାରି
ପେଣ୍ଟ ସାର୍ଟ ପିନ୍ଧି
କଣ କିଛି ଖାଇ
ସ୍କୁଲ ଯାଆନ୍ତି ବାହାରି ।
ସ୍କୁଲରେ ପହଞ୍ଚି
ବ୍ୟାଗ ରଖି ଦେଇ
ପ୍ରାର୍ଥନା ସଭାରେ ଠିଆ
ଧାଡ଼ିରେ ରହିକି
ପ୍ରାର୍ଥନା କରନ୍ତି
ଧରି ସୁର ତାଳ ରାହା ।
ପ୍ରାର୍ଥନା ସରିଲେ
ବସନ୍ତି ଶ୍ରେଣୀରେ
ପଢ଼ିବାକୁ ପିଲେ ପାଠ
ରୁଟିନ ଆଧାରେ
ପିରିଅଡ଼ ମତେ
ଶିକ୍ଷକ ପଢ଼ାନ୍ତି ପାଠ ।
ଚାରିଟା ବାଜିଲେ
ସ୍କୁଲ ଛୁଟି ହେଲେ
ଘରକୁ ଫେରନ୍ତି ପିଲା
ପୁଣି ଖେଳଓବୁଲଓ
ନ ହୋଇ ଚଗଲା
ସଞ୍ଜକୁ ପଢ଼ନ୍ତି ପିଲା ।
ରାତିଖିଆ ସାରି
ଖଟଶେଯ ପାରି
ଆଈ ପାଶେ ଧିରେ ବସି
କହନ୍ତି ଆଈକୁ
ଗପ କହିବାକୁ
ଗପ ଶୁଣି ପିଲା ଖୁସି ।
ପିଲାଙ୍କର ପ୍ରିୟ
ଖେଳିବା ବୁଲିବା
ପଢ଼ିବାରେ କେତେ ଖୁସି
ଗପ ବି ଶୁଣିବେ
ପଢ଼ାରେ ରହିବେ
ସବୁବେଳେ ହସି ହସି ।

+ବୌଦ୍ଧ,ବଉଦରାଜ -୭୬୨୦୧୪

ମୋ.୯୪୩୭୪୭୮୪୬୬



ଝଡି ବରଷା

ରାମଚନ୍ଦ୍ର ବେହେରା

ସେ ପରା ଜଗତ ମିତ...
ବରଷା ଆସିଛି ନିତି ବରଷୁଛି
ଧରଣୀ ଗଲାଣି ଭିଜି
ଗାଆଁ ଦାଣ୍ଡ ଆଜି ପଚର ପଚର
ଖରା ତାପ ଗଲା ହଜି ।

କଅଁଳ ପତ୍ରରେ ଚାରୁ ତରୁଲତା
ସଦ୍ଭିଂକ ପରାଣ ଲୁଟେ
ସଂଜ ନଇଁଗଲେ ଗଂଗଶିଉଳିର
ମହମହ ବାସ ଛୁଟେ ।

ବାଡି ବଗିଚାରେ ଟଗର ତରାଟ
କଦମ୍ବ ହସଇ ଡାଳେ
ସାଧବ ବୋହୂର ଥିରି ଥିରି ଚାଲି
ଦେଖିଲେ ଆନନ୍ଦ ମିଳେ ।

ଗାଆଁ ପୋଖରୀର ବୁକୁ ଭରିଗଲା
ନୀଳ କଇଁ ହେଲା ଜାତ
କୃଷକ ଭାଇ ତା' ଗହୀର ବିଲରେ
ଆନନ୍ଦେ ଗାଇଲା ଗୀତ ।

ସାରୁ ଗଛ ମୂଳେ ବେଂଗୁଲୀ ଗାଇଲା
କେଁ..ଓ..କଟର ଗୀତ
ମେଘୁଆ ଆକାଶେ ଇନ୍ଦ୍ରଧନୁ ଦେଖି
ସଭିଏଁ ହୋଇଲେ ପ୍ରୀତ ।

ଗ୍ରୀଷ୍ମଋତୁ ଅନ୍ତେ ବରଷା ଆସିଛି
କରିବାକୁ ଜନ ହିତ
ତା'ର ଉପକାର କେ ଭୁଲି ପାରିବ
ସେ ପରା ଜଗତ ମିତ ।

+ଡେନ୍ତୁଳିପଦା,ଜଗତସିଂହପୁର

ମୋ-୭୩୫୫୬୩୪୩୪୬

ସହରରେ ଅପମିଶ୍ରିତ ଖାଦ୍ୟ, ପାଣି ବିକ୍ରି ଅଭିଯୋଗ; ଝାଡାବାନ୍ତି ବ୍ୟାପିବା ଆଶଙ୍କା : ପ୍ରଶାସନର ଚଢଉ ଦାବି

ଜୟପୁର, ୧୧/୦୭ (ନି.ପ୍ର): ବର୍ଷା ଦିନ ଜାରି ରହିଥିବା ବେଳେ ଝାଡାବାନ୍ତି ବ୍ୟାପିବା ଆଶଙ୍କା ରହିଛି । କୋରାପୁଟ ଜିଲା ସହ ଜୟପୁର ସହରରେ ଓ ବ୍ଲକରେ ସ୍ଥାଣୁ ସାଜିଛି ଖାଦ୍ୟ ସୁରକ୍ଷା ବିଭାଗ । ନା ହେଉଛି ଖାଦ୍ୟର ମାନ ଯାଂଚ୍ ନା ହେଉଛି କୌଣସି କାର୍ଯ୍ୟାନୁଷ୍ଠାନ । ବିଭାଗୀୟ ଅଧିକାରୀ ନିଜ ଆଡୁ କୌଣସି ଯାଂଚ୍ କିୟା ପଦକ୍ଷେପ ନେଉନଥିବା ବେଳେ ତାଙ୍କ ଦୃଷ୍ଟି ଆକର୍ଷଣ କଲେ ଲିଖିତ ଅଭିଯୋଗ ଖୋଜୁଥିବା ଅଭିଯୋଗ ହୋଇଛି । ଏମିତିରେ ସ୍ଥାଣୁ ସାଜିଥିବା ଖାଦ୍ୟ ସୁରକ୍ଷା ବିଭାଗ ଯୋଗୁ ସହରରେ ଉଭୟ ଖାଦ୍ୟ ଓ ପାଣି କେତେବେଳେ ବିଷ ପାଲଟିବ ତାହା କହିହେବ ନାହିଁ । ଗତ କିଛି ବର୍ଷ ଭିତରେ ସହରରେ ଅନେକ ସ୍ଥାନରେ ଖାଇବା ପାଇଁ ଠେଲା ଠାରୁ ଆରମ୍ଭ କରି ବଡ ରେଷ୍ଟୁରାଂଟ ଆରମ୍ଭ ହୋଇଛି । ସେହିପରି ପାନୀୟ ଜଳ ପାଇଁ ପାଣି ପାଉଚ ଠାରୁ ଆରମ୍ଭ କରି ଥଣ୍ଡା ପାଣି କେନ ପର୍ଯ୍ୟନ୍ତ ବ୍ୟବସାୟ କରାଯାଉଛି । କିନ୍ତୁ, ଏହି ସବୁ ଜିନିଷର ମାନ କେତେ ଠିକ, ଲୋକେ ପିଉଥିବା ପାଣି ଓ ଖାଉଥିବା ଖାଦ୍ୟ କେତେ ସୁରକ୍ଷିତ ତାକୁ ନେଇ ଉଠିଛି ପ୍ରଶ୍ନ । କୋରାପୁଟ, କୋଟପାଡ଼, ସେମିଳିଗୁଡା, ଜୟପୁର ସହର, ବୋରିଗୁମ୍ମାରେ ଗଳି କନ୍ଦିରେ ଛତୁ ଫୁଟିବା ଭଳି ଖୋଲିଛି ହୋଟେଲ, ରେଷ୍ଟୁରାଂଟ, ଠେଲା । ଯେଉଁଠି ଟିଫିନ୍ ଠାରୁ ଆରମ୍ଭ କରି ମିଲ ପର୍ଯ୍ୟନ୍ତ ବିକ୍ରୟ କରାଯାଉଛି । ତେବେ ଏହି ସବୁ ଖାଦ୍ୟ ଲୋକଙ୍କ ପାଇଁ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ଅନୁସାରେ, ହୋଟେଲ, ଠେଲା, ଫାଷ୍ଟଫୁଡ ସେଂଟର ମାନଙ୍କରେ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ନିମ୍ନମାନର ସାମଗ୍ରୀ ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଛି । ଖାଇବା ତେଲ, ସସ୍, ମସଲା ପ୍ରାୟ ସବୁତକ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ ଖାଦ୍ୟକୁ ମନଲୋଭା ଓ ସୁଆଦିଆ କରିବା ପାଇଁ କୃତ୍ରିମ ରାସାୟନ ମିଶା ସାମଗ୍ରୀ ମଧ୍ୟ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । କେବଳ ଏତିକି ନୁହଁ ଏହି ସବୁ ଖାଦ୍ୟ ପସରା ମାନଙ୍କରେ ବାସି ଖାଦ୍ୟ ମଧ୍ୟ ପରସା ଯାଉଥିବା ଅଭିଯୋଗ ହୋଇଛି । ଦିନ ଦିନ ଧରି ଫ୍ରିଜରେ ଖାଦ୍ୟ ସାମଗ୍ରୀ ରଖି ତାକୁ ପୁଣିଥରେ ରୋଷେଇ କରି ଗ୍ରାହକଙ୍କୁ ଖାଇବାକୁ ଦିଆଯାଉଛି । ପ୍ରତିବାଦ କଲେ ହୋଟେଲ, ରେଷ୍ଟୁରାଂଟ ମାଲିକମାନେ ନାଲିଆଖି ଦେଖାଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି । ବିକ୍ରୀ ହେଉଥିବା ଖାଦ୍ୟର ମାନ ଯାଂଚ୍ ଓ କାର୍ଯ୍ୟାନୁଷ୍ଠାନ ଦାୟିତ୍ୱ ଖାଦ୍ୟ ସୁରକ୍ଷା ବିଭାଗର ହୋଇଥିବା ବେଳେ ବିଭାଗ ନିରବ ରହିଥିବା ଜଣାଯାଇଛି । ବେକେରୀ, କୁସ ଦୋକାନ, ମୃଦୁ ପାନୀୟ ଦୋକାନମାନଙ୍କରେ ମଧ୍ୟ ସମାନ ଭାବେ ନିକୃଷ୍ଟ ମାନର ସାମଗ୍ରୀ ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଛି । ବେକେରୀ ମାନଙ୍କରେ କେକ ବିସ୍କୁଟ, ପାଉଁରୁଟି ଜିଭଳି ପ୍ରସ୍ତୁତ ହୋଇଛି ତାହା ମଧ୍ୟ ବିଭାଗ ପକ୍ଷରୁ ନିୟମିତ ଯାଂଚ୍ କରାଯିବା କଥା କିନ୍ତୁ ଯାଂଚ୍ ହେଉନଥିବା ଅଭିଯୋଗ ହୋଇଛି । ଖାଦ୍ୟ ସାମଗ୍ରୀ ଭଳି ପାଣିର ଅବସ୍ଥା ମଧ୍ୟ ସମାନ । ବଜାରରେ ମିଳୁଥିବା ପାଣି ପାଉଚ, ପାଣି ବୋତଲ ଓ ଥଣ୍ଡା ପାଣି କେନ୍ ର ପାଣି କେତେ ଶୁଦ୍ଧ ତାହାବି କହି ହେବ ନାହିଁ । ଛତୁ ଫୁଟିଲା ଭଳି ପାଣି ଦୋକାନ ଆରମ୍ଭ ହୋଇଥିବା ବେଳେ ଯିଏ ଯେମିତି ପାଣି ଭରି ଆରଓ ଜଳ ନାମରେ ବ୍ୟବସାୟ ଚଳାଇଥିବା ବେଳେ ପ୍ରଶାସନ ନିରବ ରହିଛି । ତେଣୁ କୋରାପୁଟ ଜିଲାରେ ଚଢଉକୁ ଜୋରସୋର କରିକାବୁ ଦାବି ହୋଇଛି ।

ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ସମୀକ୍ଷା ବୈଠକ: ଜଳସେଚନ, ଜଂଗଲ ଓ କ୍ରୀଡାର ଉନ୍ନତି ଉପରେ ଗୁରୁତ୍ୱାରୋପ

ଭଦ୍ରକ, ୧୧/୦୭ (ନି.ପ୍ର): ଜିଲାରେ ଜଳସେଚନ, ବନ୍ୟା ନିୟନ୍ତ୍ରଣ, ବନୀକରଣ ଓ କ୍ରୀଡାର ବିକାଶ ଉପରେ ଉଚ୍ଚଶିକ୍ଷା, କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁରୁତ୍ୱାରୋପ କରିଛନ୍ତି । ବିଶେଷକରି ଜଳସେଚନ, ଜଂଗଲ ଓ କ୍ରୀଡାର ଉନ୍ନତି ନେଇ କେତେକ ପ୍ରସ୍ତାବ ଦେବା ସହ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ପ୍ରୋଜେକ୍ଟ ରିପୋର୍ଟ ଶୀଘ୍ର ପ୍ରସ୍ତୁତ କରି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭଦ୍ରକ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଦିଲିପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ,ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲାପାଳ ଶ୍ୟାମଲ କୁମାର ରାୟ, ଅତିରିକ୍ତ ତହସିଲଦାର, ତିହିଡ଼ି ନମିତା ଧଳ , ଗୋଷ୍ଠି ଉନ୍ନୟନ ଅଧିକାରୀ ,ତିହିଡି ନିରଞ୍ଜନ ବାରିକ୍ ଓ ଗୋଷ୍ଠି ଉନ୍ନୟନ ଅଧିକାରୀ,ଧାମନଗର ବନବିହାରୀ ଧନ୍ଦା, ସରପଂଚ ,ନିର୍ବାଚିତ ପ୍ରତିନିଧି ,ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ । ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା ହୋଇଥିଲା । ପ୍ରମୁଖ ଆଲୋଚନା ମଧ୍ୟରୁ ସାଳନ୍ଦୀ ଓ ବୈତରଣୀ ନଦୀ ପାର୍ଶ୍ୱରେ ନୂତନ ବନୀକରଣ କରିବାକୁ। ଏହି ବର୍ଷା ଋତୁହି ପ୍ରକୃଷ୍ଟ ସମୟ ,ଏହି ସମୟରେ ବିଭିନ୍ନ ଏନଜିଓ, କମୁନିଟୀ ମାନଙ୍କୁ ନେଇ ୨୦ ହଜାରରୁ ଉର୍ଦ୍ଧ୍ୱ ଚାରା ଲଗାଇବା ।କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିବା ।ସରକାରୀ ଜାଗାକୁ ସୁରକ୍ଷା କରା ଯାଇପାରିବ ଓ ଜଙ୍ଗଲ ସୃଷ୍ଟି ହୋଇପାରିବ ।ସ୍କୁଲ କଲେଜ ମାନଙ୍କରେ ପିଲା ମାନଙ୍କୁ ପ୍ରତିଯୋଗୀତା ଭାବରେ ବୃକ୍ଷ ରୋପଣ ଓ ଏହାକୁ ବଂଚଇ ରଖିବାକୁ ପ୍ରୟାସ କରାଯାଇପାରିବ । ଏହାଦ୍ୱାରା ଗ୍ରୀନ ଭଦ୍ରକ ମିଶନ ଲକ୍ଷ୍ୟ ପୁରଣ ହୋଇ ପାରିବ । ବୈତରଣୀର କୋଚିଲା ଠାରେ ଘେରି ବନ୍ଧର ସର୍ଭେ। ସାଳନ୍ଦୀ ନଦୀ ଦ୍ୱାରା ନିମ୍ନ ଅବବାହିକାରେ ଯଥେଷ୍ଟ ଜଳସେଚନ ହୋଇପାରୁନାହିଁ। ତେଣୁ ବୈତରଣୀ ନଦୀ କୁ ସାଳନ୍ଦୀ ନଦୀ ଦ୍ୱାରା ସଂଯୋଗି କରଣ କରାଯିବ । ଏହା ଦ୍ୱାରା ତିହିଡି ଓ ଧାମନଗର ର ବୃହତ୍ ଅଂଚଳ ରେ ଜଳସେଚନ ହୋଇ ପାରିବ । ତିହିଡି, ଧାମନଗର ରାସ୍ତାର ଉନ୍ନତିକରଣ ଓ ରାସ୍ତା ପାର୍ଶ୍ୱରେ ବନୀକରଣ, ବରପୁତ୍ର ଐତିହ ଗ୍ରାମର ଉନ୍ନତି କରଣ , ତିହିଡିର ମଙ୍ଗରାଜପୁର ଠାରେ ଏକ ସରକାରୀ ସ୍ଥାନ ଠିକ୍ କରାଯାଇଛି । ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟଳୟ କରାଯିବ । କ୍ରୀଡା ବିଭାଗ ର ଓଏସ୍ଡି ରମେଶ କୁମାର ମହାନ୍ତି ନେହେରୁ ଷ୍ଟାଡିୟମ୍ ର ଅଗ୍ରଗତି, ଜିଲ୍ଲାର ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ କାର୍ଯ୍ୟକ୍ଷମ , ବ୍ଲକ ସ୍ତରୀୟ ଷ୍ଟାଡିୟମର ତଥ୍ୟ ପ୍ରଦାନ କରିଥିଲେ ଯାହାର ସମୀକ୍ଷା କରାଯାଇଥିଲା । ପ୍ରାୟ ତିନି ଘଂଟା ଧରି ଏହି ସଭା ଚାଲିଥିଲା । ପରିଶେଷରେ ରବି ନାରାୟଣ ସାହୁ ସମସ୍ତଙ୍କୁ ଧନ୍ୟବାଦ କରି ସଭା ସାଙ୍ଗ ଘୋଷଣା କରିଥିଲେ।

ଅସହାୟ ବନ୍ଧୁ ସେବା ସଂଗଠନ ପକ୍ଷରୁ ଚାରାରୋପଣ

ଧର୍ମଶାଳା, ୧୧/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ବନ୍ଧୁ ସେବା ସଂଗଠନ ପକ୍ଷରୁ ଗୁରୁ ପୂର୍ଣ୍ଣିମା ଅବସରରେ କାଏମା ଶିଶୁ ମନ୍ଦିର ପରିସରରେ ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସଂଗଠନ ପକ୍ଷରୁ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ , ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଚାରା ରୋପଣ କରାଯାଇଥିଲା । ବୃକ୍ଷ ହିଁ ଜୀବନ ଏହାସ ପ୍ରାଣୀ ଜଗତକୁ ଅମ୍ଲଜାନ ଯୋଗାଇଥାଏ । ମନୁଷ୍ୟ ମାନଙ୍କ ଅନବରତ ଅତ୍ୟାଚାର ଏବଂ ଜଙ୍ଗଲ ଧ୍ୱଂସ , ଓ ରାସ୍ତା ଘାଟ ପ୍ରଶସ୍ତି କରଣ ଯୋଗୁଁ ଗଛ ଗୁଡିକ କଟା ଯାଉଛି । ତେଣୁ ଗୋଟିଏ ପଟେ ଅମ୍ଲଜାନ ହ୍ରାସ ପାଉଥିବା ବେଳେ ଅନ୍ୟପଟେ ପ୍ରଦୂଷଣର ହାର ବଢିଚାଲିଛି । ତେବେ ଏଭଳି ପରିସ୍ଥିତିରେ ବ୍ୟାପକ ଚାରା ରୋପଣ କରାଯାଇ ସମାଜକୁ ଉଦ୍ଧାର କରିଯାଇପାରିବ ବୋଲି ସଂଗଠନ ର ସମ୍ପାଦକ ଗଣେଶ୍ୱର ନାୟକ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ସଚେତତ କରିଥିଲେ । ପରେ ବିଦ୍ୟାଳୟ ରୁ ଏକ ଶୋଭାଯାତ୍ରା କାଏମା ବଜାର ଅଭିମୁକେ ବାହାରି ଲୋକ ମାନଙ୍କୁ ଚାରା ରୋପଣ ଏବଂ ଏହାର ଉପକାରିତା ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସତ୍ୟାନନ୍ଦ ସାହୁ, ଅଜୟ ସେଠୀ, ତପନ ସାହୁ, ଜ୍ୟୋର୍ତିମୟୀ ପଣ୍ଡା, ବିଶ୍ୱଜିତ ପ୍ରଧାନ, ବିଜୟ ସାହୁ ଏବଂ ବିଦ୍ୟାଳୟର ଗୁରୁଜୀ, ଗୁରୂମା ପ୍ରମୁଖ ସହଯୋଗ କରିଥିଲେ।

ଚିକିତ୍ସାଳୟରେ ଯମାଳୟ ଯନ୍ତ୍ରଣା : ଟାଣଭାତକୁ ପାଣିଆ ଡାଲମା ଖାଉଛନ୍ତି ଗର୍ଭବତୀ ଓ ପ୍ରସୂତି

ପୁରୀ, ୧୧/୦୭ (ନି.ପ୍ର): ୱାର୍ଲଡ କ୍ଲାସ ସିଟି ହେବ ପୁରୀ । ଜଗନ୍ନାଥ ଧାମ ମହାନଗର ନିଗମ (ଜେ. ଡି. ଏମ. ସି) ର ମାନ୍ୟତା ପାଇବ ଖୁବ ଶୀଘ୍ର ପୁରୀ । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗ ଏବେ ପାଲଟିଛି ଯମାଳୟ ସଦୃଶ ବୋଲି ଅଭିଯୋଗ ହେଉଛି । ଗର୍ଭବତୀ ଓ ପ୍ରସୂତି ମାନଙ୍କୁ ଟାଣ ଉଷୁନା ଭାତ ସହିତ ପାଣିଆ ଡାଲମା ଦିଆଯାଉଥିବା ଅଭିଯୋଗ ହେଉଛି । ରଥଯାତ୍ରା ସରିଲା ହେଲେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସିପାରିନାହିଁ । ବିଗତ ଦିନ ମାନଙ୍କରେ ବିଭିନ୍ନ ସମସ୍ୟା ଭିତରେ ପୁରୀ ମେଡିକାଲ ଚାଲୁଥିବା ବେଳେ ପୁଣି କାଲି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳାମାନେ ସନ୍ତାନ ପ୍ରସବ କରିବାକୁ ଆସି ଆଡ୍‌ମିସନ ହୋଇଥିଲେ । ସେମାନଙ୍କୁ ପେଟପୁରା ଖାଦ୍ୟ ମିଳୁନ ଥିବା ଅଭିଯୋଗ ହୋଇଛି । ଯେଉଁ ଖାଦ୍ୟ ମିଳୁଛି ତାହା ମଧ୍ୟ ପୃଷ୍ଟିକର ନୁହେଁ । ସକାଳର ଖାଦ୍ୟରେ ଶୁଖିଲା ଉପମା ଓ ଶୁଖିଲା ରୁଟି ଦିଆଯାଉଛି । ରୋଗୀ ମାନେ ଯଦି କହୁଛନ୍ତି ଆମେ ଶୁଖିଲା ଉପମା ଓ ରୁଟି କେମିତି ଖାଇବୁ ତେବେ ତାଙ୍କୁ ଉତ୍ତର ମିଳୁଛି ତରକାରୀ ଫୁଟୁଛି ଦିନ ଦୁଇଟାରେ ମିଳିବ । ମଧ୍ୟାହ୍ନରେ ଯେଉଁ ଖାଦ୍ୟ ମିଳୁଛି ତାହା ଅତ୍ୟନ୍ତ ନିମ୍ନମାନର । ଖାଦ୍ୟ ପର୍ଯ୍ୟାପ୍ତ ନୁହେଁ ବୋଲି ମହିଳା ମାନେ ଅଭିଯୋଗ କରୁଛନ୍ତି । ସମସ୍ତ ରୋଗୀଙ୍କୁ କ୍ଷୀର, ଅଣ୍ଡା ଏବଂ ଫଳ ମଧ୍ୟ ମିଳୁନାହିଁ । ଗରମ କ୍ଷୀର ପଚାରିଲେ କହୁଛନ୍ତି କେବଳ ଓଟି ରୁ ଆସିଥିବା ପେସେଣ୍ଟ ମାନଙ୍କୁ କ୍ଷୀର ମିଳିବ । ସରକାର ମହିଳା ଶିଶୁ ବିକାଶ ନାଁରେ ଗଣ୍ଡା ଗଣ୍ଡା ଯୋଜନା କରିଥିବା ବେଳେ ମେଡ଼ିକାଲରେ ସେମାନଙ୍କୁ ଖାଦ୍ୟ ଠିକ ଭାବରେ ଯୋଗେଇ ଦିଆଯାଉନାହିଁ । ଖୋଦ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ଏବଂ ଶିଶୁବିକାଶ ବିଭାଗର ଦାୟିତ୍ୱରେ ଥିବାବେଳେ ତାଙ୍କ ନିଜ ଜିଲାରେ ଯଦି ଏଭଳି ଅବ୍ୟବସ୍ଥା ତାହେଲେ ସାରା ଓଡିଶାରେ ବ୍ୟବସ୍ଥା କେମିତି ଚାଲିଥିବ ତାହା ଏଥିରୁ ସହଜେ ଅନୁମେୟ । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଲିଫ୍ଟ ଏବେ ମଧ୍ୟ ଅଚଳ ଅବସ୍ଥାରେ ରହିଛି । ସମାଧାନ ପାଇଁ ପ୍ରଶାସନ କିୟା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଦେଖିବାକୁ ମିଳୁନି । ବେଳେ ବେଳେ ଏକ୍ସ ରେ ମେସିନି କାମ ଦେଉନି । ପ୍ରାୟ ସମୟରେ ରୋଗୀଙ୍କୁ ମେଡ଼ିସିନ ବାହାରୁ କିଣିବାକୁ ପଡୁଛି । ସିଟି ସ୍କାନ ଆଉ ଏମ୍.ଆର.ଆଇ ପାଇଁ ରୋଗୀଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି । ଏପରିକି ବର୍ଷ ବର୍ଷ ଧରି ମେଡିକାଲରେ ହ୍ୱିଲ୍ ଚେୟାରର ବ୍ୟବସ୍ଥା ନାହିଁ । ଖାଦ୍ୟ ଯୋଗାଉଥିବା ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟ । ନୁଷ୍ଠାନ ନେବା ସହ ଏସବୁ ବ୍ୟବସ୍ଥାରେ ଯଥାଶୀଘ୍ର ସୁଧାର ଅଣାଯାଉ । ଯଦି ଏ ବ୍ୟବସ୍ଥାରେ ସୁଧାର ନଆସେ ତେବେ ଆଗାମୀ ଦିନରେ ଆମ ଆଦମୀ ପାର୍ଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି ।

ନୂତନ ଉପନିବନ୍ଧକ ଦାୟିତ୍ୱ ନେଲେ କଳ୍ପିତା କୁମାରୀ ଜେନା

ଧର୍ମଶାଳା, ୧୧/୦୭ (ନି.ପ୍ର): ଯାଜପୁର ଜିଲା ବଡଚଣା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନୂତନ ଉପନିବନ୍ଧକଭାବେ କଳ୍ପିତା କୁମାରୀ ଜେନା କାର୍ଯ୍ୟରେ ଯୋଗ ଦେଇଛନ୍ତି । କାର୍ଯ୍ୟାଳୟରେ ପଂହଚି ଦାୟିତ୍ୱଭାର ଗ୍ରହଣ କରିଛନ୍ତି । ଏହି ଅବସରରେ ମୋହରି ସଂଘର ସଭାପତି ଅନନ୍ତ ଚରଣ ପୃଷ୍ଟି,ଭେଣ୍ଡର ସଂଘର ସଭାପତି ରବିନ୍ଦ୍ର ନାଥ ଦାଶଙ୍କ ସମେତ ସମସ୍ତ ମୋହରି ଓ ଭେଣ୍ଡର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶ୍ରୀମତୀ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବାରମ୍ବାର ଦାବି ପରେ ବଡଚଣା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନୂତନ ଅଧିକାରୀ ନିଯୁକ୍ତ ହୋଇଥିବାରୁ ସଂଘ ପକ୍ଷରୁ ବଡଚଣା ବିଧାୟକ ଅମର ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦୀର୍ଘ ଦିନ ହେବ ଏହି କାର୍ଯ୍ୟାଳୟରେ ନିୟମିତ ଉପନିବନ୍ଧକ ନ ଥିଲେ । ଫଳରେ ଜମିଜମା କାର୍ଯ୍ୟରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ । ଦର୍ପଣ ଅତିରିକ୍ତ ତହସିଲଦାର ବିରାଜ ପ୍ରସାଦ ରାୟ ଏହି ପଦବୀରେ ରହିଥିଲେ । ତହସିଲର କାର୍ଯ୍ୟ ସହିତ ଉପନିବନ୍ଧକ ଭାବେ ସେ ଉଭୟ କାର୍ଯ୍ୟଭାର ସମ୍ଭାଳୁ ଆସୁଥିଲେ । ଲୋକଙ୍କ ଜମି ବିକ୍ରୀ ଖର୍ଦ୍ଦରେ ସରକାରୀ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ନୂତନଭାବେ ଦାୟିତ୍ୱ ନେଇଥିବା ଉପନିବନ୍ଧକ ଶ୍ରୀମତୀ ଜେନା ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ।

ଧାମନଗର ବ୍ଲକରେ ୯ ଏକକ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଲା : ସୂର୍ଯ୍ୟପୁର ସ୍କୁଲରୁ ଶିକ୍ଷକ ବଦଳି ବାତିଲ ପାଇଁ ଅଭିଯୋଗ

ଭଦ୍ରକ, ୧୧/୦୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ରେ ଶିକ୍ଷା ବ୍ୟବସ୍ଥା କୁ ଆଗକୁ ନେବା ପାଇ ପ୍ରଶାସନ ଏବେ ପୁରା ତତ୍ପର ହୋଇଛନ୍ତି ।ଧାମନଗର ବ୍ଲକରେ ଦୀର୍ଘ ବର୍ଷ ହେବ ୯ ଟି ବିଦ୍ୟାଳୟ ଏକକ ଶିକ୍ଷକ ଥିବାବେଳେ ଅନେକ ଅସୁବିଧା ହେଉଥିଲା । ଭଦ୍ରକ ଜିଲ୍ଲାପାଳ ଚଳିତ ମାସ ୭ ତାରିଖ ନିର୍ଦ୍ଦେଶ ପରେ ୮ ତାରିଖ ସୁଦ୍ଧା ଉକ୍ତ ୯ ଟି ବିଦ୍ୟାଳୟରେ ଶିକ୍ଷକ କାର୍ଯ୍ୟରେ ଯୋଗ ଦେବେ ମାତ୍ର ଗୋଟିଏ ବିଦ୍ୟାଳୟର କିଛି ସମସ୍ୟା ନେଇ ଜଣେ ଶିକ୍ଷକ ଯୋଗ ଦେଇ ନାହାନ୍ତି । ସୁଚନା ଥାଉକି ଧାମନଗର ବ୍ଲକର ୧ ରୁ ୫ ଶ୍ରେଣୀ ୯ ଟି ସ୍କୁଲ ଯଥା କଂଟିଦୋଳ, ବୈକୁଣ୍ଠୀ, ଉଆସ ଡିହ, ଅର୍ଜୁନପୁର, ବାସୁଦେବପୁର, ରାମେଶ୍ୱରପୁରଗୋଖାସାହି,ମଙ୍ଗଳାବାଙ୍କ, ଓଉପୁର କରଦା ଓ ଅଜମତପୁର ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଜଣେ ଲେଖା ଶିକ୍ଷକ ରହି ଶିକ୍ଷାଦାନ କରୁଥିଲେ । ଚଳିତ ଶିକ୍ଷାବର୍ଷ ରୁ ଦୁଇଜଣ ଶିକ୍ଷକ ଉକ୍ତ ବିଦ୍ୟାଳୟ ରେ ରହିବେ ।ତେବେ କଂଟିଦୋଳ ସ୍କୁଲ ରେ କିଛି ସମସ୍ୟା ନେଇ ଗ୍ରାମବାସୀ ଉକ୍ତ ବିଦ୍ୟାଳୟ ରେ ଜୈନିକା ଶିକ୍ଷୟତ୍ରୀ କୁ ବିଦ୍ୟାଳୟ ରେ ଯୋଗ କରାଇ ଦେଉ ନଥିବାରୁ ସେ ଶିକ୍ଷୟତ୍ରୀ ଜଣଙ୍କ ବିଇଓ ଅଫିସ ରେ ରହୁଛନ୍ତି ।ଜିଲାପାଳ ଙ୍କ ନିର୍ଦ୍ଦେଶ ପରେ ଯାହା ନିଷ୍ପତି ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରି ପ୍ରଫୁଲ୍ଲ ସହୁ ସୁଚନା ଦେଇଛନ୍ତି। ସୁଚନା ଥାଉକି ଧାମନଗର ବ୍ଲକ ରେ ୧୮୯ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ୭୬୯ ଶିକ୍ଷକ ଆବଶ୍ୟକ ମାତ୍ର ଅଛନ୍ତି ୬୩୪ ଶିକ୍ଷକ ଆହୁରି ଶିକ୍ଷକ ଆବଶ୍ୟକ ରହିଛି ତେବେ ବିଭାଗୀୟ ଉଚ୍ଚ ଅଧିକାରୀ ଖୁବଶୀଘ୍ର ଶିକ୍ଷକ ପଦବୀ ପୂରଣ କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ଅପର ପକ୍ଷେ ବ୍ଲକ ରେ ୯ ଜଣ ସିନିୟର୍ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ବଦଳି ହୋଇଥିବା ବେଳେ ସୂର୍ଯ୍ୟପୁର ନୋଡାଲ ସ୍କୁଲ ର ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିବାରୁ ଗ୍ରୁରୁବାର ଦିନ ଉକ୍ତ ବିଦ୍ୟାଳୟ ର ଗ୍ରାମବାସୀ ଓ ପରିଚାଳନା କମିଟି ର ସଦସ୍ୟ ମାନେ ଧାମନଗର ବି ଇ ଓ ଙ୍କୁ ଭେଟି ଅଭିଯୋଗ କରିଥିଲେ ।ଉକ୍ତ ବିଦ୍ୟାଳୟ ୧ ରୁ ୮ ଶ୍ରେଣୀ ଥିବାବେଳେ ୧୧୯ ଛାତ୍ର ଛାତ୍ରୀ ଅଛନ୍ତି । ସେଥିରୁ ବିଜ୍ଞାନ ଶିକ୍ଷକ ତୃପ୍ତି ବିଶ୍ୱାଳ ଙ୍କୁ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଦିଆଯାଇଛି ଫଳରେ ଉକ୍ତ ବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପ

ଯୋଗୀ ସୁବାସ ମୁନିଙ୍କ ୯୦ତମ ଜୟନ୍ତୀ ପାଳିତ



ବେତନଟୀ, ୧୧/୭ (ନି.ପ୍ର): ଯୋଗୀ ସୁବାସ ମୁନିଙ୍କ ୯୦ତମ ଜୟନ୍ତୀ ପାଳିତ ବେତନଟୀ, ତା ୯ ।୭ , ଅ.ଭୂ. ସ:ଶି. ମୁନି ସମାଜ ଓଡ଼ିଶା ପ୍ରାନ୍ତର ପ୍ରତିଷ୍ଠାତା ତଥା ବେତନଟୀରୁ ୪୪ ବର୍ଷ ଧରି ପ୍ରକାଶିତ ଜ୍ଞାନଦୀପ ପତ୍ରିକାର ସଂସ୍ଥାପକ ସଂପାଦକ ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୯୦ତମ ଜୟନ୍ତୀ ଉତ୍ସବ ଯୋଗୀ ସୁବାସ ମୁନି ସ୍ମୃତି କମିଟି ଆନୁକୂଲ୍ୟରେ ଆଜି ବେତନଟୀ ଉପକଣ୍ଠ ପଣ୍ଡୁଗୁଡିଆ ଶିବମୁନି ଯୋଗାଶ୍ରମଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସ୍ମୃତି କମିଟିର ସଭାପତି ମୁନିମତୀ ତୁଳାମଣି ଭୂୟାଁ ସତ୍ୟ ପତାକା ଉତ୍ତୋଳନ କରିଥିଲେ । ପତାକା ସଂଗୀତ ଗାନ କରିଥିଲେ ଯୋଗୀ ମହିମ ମୁନି । ସ୍ମୃତି କମିଟି ସଭାପତିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଉଦଘାଟକ ଭାବେ ଓଡ଼ିଶା ପ୍ରାନ୍ତ ମନିସମାଜର ସଂଗଠନ ଓ ପ୍ରଚାର ମନ୍ତ୍ରୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଯୋଗଦେଇ ସୁବାସ ମୁନିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ । ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବାସ ମୁନି ଏକାଧାରରେ ଜଣେ ସୁଲେଖକ, ସୁବକ୍ତା, ସୁସଂଗଠକ ତଥା ଜଣେ ବାଗ୍ମୀ ଭାବେ ସାରା ଓଡ଼ିଶାରେ ଯୋଗର ପ୍ରଚାର ପ୍ରସାର କରି ଖାତିଲାଭ କରିଥିଲେ ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ସୁବାସ ମୁନିଙ୍କୁ ଓଡ଼ିଶା ମୁନି ସମାଜର ବ୍ୟାସ ବୋଲି ଅଭିହିତ କରିଥିଲେ । ସମ୍ମାନିତ ବକ୍ତା ଭାବେ ସହଦେବ ଖୁଣ୍ଟା ମୁନି ସମାଜର ଯୋଗିନୀ ଦୀପାଞ୍ଜଳି ଦାସ, ସମ୍ମାନିତ ଅତିଥିଭାବେ ଓଡ଼ିଶା ମୁନି ସମାଜର ସହ ସଂପାଦକ ଯୋଗୀ ଚିତ୍ତରଞ୍ଜନ ଭୂୟାଁ, ଯୋଗାଚାର୍ଯ୍ୟ ଦାମୋଦର ମୁନି, ଭଦ୍ରକ ଜିଲ୍ଲା ମୁନି ସମାଜର ସଂପାଦକ ଯୋଗୀ ବସନ୍ତ ମୁନି ପ୍ରମୁଖ ସୁବାସ ମୁନିଙ୍କ ଗୁଣ ଗାନ କରିଥିଲେ । ଓଡ଼ିଶା ପ୍ରାନ୍ତ ମୁନିସମାଜର ସଂପାଦକ ଯୋଗୀ ଧ୍ରୁବ ଚରଣ ମୁନି ପଠାଇଥିବା ଭିଡିଓ ବାର୍ତ୍ତାକୁ ସଭାରେ ଶ୍ରବଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୁନିମତୀ କମଳ କାମିନୀ ଦେ, ନୟନା ଦେବୀ, ସତ୍ୟଭାମା ସାହୁ, ମୁନିରାଜ ବରେନ୍ଦ୍ର, ଯୋଗୀ ଆଜିତ ମୁନି, ଯୋଗୀ ବଙ୍କ ବିହାରୀ ରାଉତ, ଯୋଗୀ ମକରଧର, ଦେବେନ୍ଦ୍ର ଅଗସ୍ତି, ବାବୁଲା ମୁନି, ଯୋଗୀ ହରେକୃଷ୍ଣ ମୁନି, ପିତାମ୍ବର ମୁନି, ଯୋଗୀ ପରମାନନ୍ଦ ମୁନି, ଯୋଗୀ ତ୍ରିଲୋଚନ ମୁନି, ଯୋଗୀ ଅଜିତ ମୁନି, ମୁନି ନୀଳାମ୍ବର ପ୍ରମୁଖ ସୁବାସ ମୁନିଙ୍କ ଜୀବନୀ ପଦ୍ୟ ଓ ଗଦ୍ୟ ମାଧ୍ୟମରେ କହିଥିଲେ । ସ୍ମୃତି କମିଟି ସଂପାଦକ ତଥା ଜ୍ଞାନଦୀପ ସଂପାଦକ ଯୋଗୀ ସଞ୍ଜୟ ମୁନି ସଭା।ର ଆଭିମୁଖ୍ୟ ରଖିଥିବା ବେଳେ କାର୍ଯ୍ୟକାରୀ ସଭାପତି ଯୋଗୀ ଭାଗବତ ମୁନି ସ୍ୱାଗତ ସମ୍ଭାଷଣ ପଦାନ କରିଥିଲେ । ସୁବାସ ମୁନିଙ୍କ ସୁପତ୍ରୀ ବିବି କଲେଜର ଅବସରପ୍ରାପ୍ତ ଅଧକ୍ଷା ଡଃ ଅଳକା ମଞ୍ଜରୀ ଭୂୟାଁ ଆଶ୍ରମ ସମ୍ବନ୍ଧରେ ସୁବାସ ମୁନିଙ୍କ ଅଧୁରା ସ୍ୱପ୍ନକୁ କିପରି ପୂରଣ କରାଯାଇ ପାରିବ ସେ ବିଷୟରେ କହିଥିଲେ । ମୁନି ସୈନିକ ଯୋଗୀ ନରୋତ୍ତମ ମୁନି ମଞ୍ଚ ପରିଚାଳନା କରିଥିଲେ । ଉତ୍ସବର ଆକର୍ଷଣ ଥିଲା ଏବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ବାଲକା ହାଇସ୍କୁଲର ଛାତ୍ରୀ ପ୍ରିୟଙ୍କା ମହାପାତ୍ରଙ୍କୁ ମାନପତ୍ର, ମମେଣ୍ଟୋ, ପୁଷ୍ପଗୁଚ୍ଛ ତଥା ନଗଦ ଦୁଇ ହଜାର ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁରୂପ ଭାବେ ବେତନଟୀ ଏମ.ପି.ସି. ହାଇସ୍କୁଲର ଛାତ୍ରୀ ଅଲିଭା ରାଉତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିବ୍ୟାଶା ଜେନା, ସଠିଲୋ ଉଚ୍ଚ ବିଦ୍ୟାଳୟର ଛାତ୍ର ରାଜେଶ କୁଣ୍ଡୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ଅନୁପସ୍ଥିତିରେ ପ୍ରଧାନଶିକ୍ଷକଗଣ ଯଥାକ୍ରମେ ଅର୍ଜୁନ ସିଂ, ଦୟାନିଧି ନନ୍ଦ ଗୋସ୍ୱାମୀ, ନରହରି ମହାନ୍ତ ମାନପତ୍ର, ମମେଣ୍ଟୋ, ପୁଷ୍ପଗୁଚ୍ଛ ଓ ଏକ ହଜାର ଟଙ୍କା ନଗଦ ଗ୍ରହଣ କରିଥିଲେ । ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ ତଥା ସାୟାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚିଦାନନ୍ଦ ମହାନ୍ତି, ସୁସାହିତ୍ୟିକ ବାସୁଦେବ ନାପିତ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଶେଷରେ ବେତନଟୀ ଆଞ୍ଚଳିକ ମୁନିସମାଜର ସଭାପତି ଆଡଭୋକେଟ ଯୋଗୀ କୃଷ୍ଣଚନ୍ଦ୍ର ମୁନି ଧନ୍ୟବାଦ ଅର୍ପଣ କରିଥିଲେ । ଆଶ୍ରମ ତରଫରୁ ମୁନିମତୀ ଗୀତାଞ୍ଜଳି ଭୂୟାଁ, ଯୋଗୀ ସନ୍ତୋଷ ମୁନି, ଯୋଗୀ ସୃଷ୍ଟିଧର ମୁନି, ମୁନିମତୀ ଜୟଶ୍ରୀ ବିଶ୍ୱାଳ, ରତିକାନ୍ତ ମୁନି, ଯୋଗୀ ସତୀଶ ମୁନି, ମୁରଲୀ ମୁନି ପ୍ରମୁଖ ସହଯୋଗ କରିଥିଲେ ।

୧୧ଜଣ ନୂତନ ସିଆରସିସିଙ୍କୁ ଦାୟିତ୍ୱ ପ୍ରଦାନ

ବେତନଟୀ,୧୧/୭ (ନି.ପ୍ର) : ବେତନଟୀ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ୧୭ଗୋଟି କ୍ଲଷ୍ଟର ନିମନ୍ତେ ୧୭ଜଣ ସିଆରସିସି (ଆଞ୍ଚଳିକ ସାଧନ ସଂଯୋଜକ) ଥିବାବେଳେ ତନ୍ମଧ୍ୟରୁ ୧୧ଜଣଙ୍କର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ସ୍ଥାନରେ ୧୧ଜଣ ନୂତନ ସିଆରସିସିଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ବେତନଟୀ ବ୍ଲକ ଅଧୀନସ୍ଥ ବୈଶିଙ୍ଗା କ୍ଲଷ୍ଟର ପାଇଁ ନିଶିକାନ୍ତ ଗିରି, ଖୁଣ୍ଟାପୁର ପାଇଁ ନୀଳାମ୍ବର ପାତ୍ର, ଗରଗଡିଆ ପାଇଁ ମଳୟ କୁମାର ମହାନ୍ତ, ଗଡଦେଉଳିଆ ପାଇଁ ପ୍ରଦୀପ କୁମାର ପରିଡା, କୁରାଢିକ ପାଇଁ ସୁଜିତ କୁମାର ମଣ୍ଡଳ, ସରଡିହା ପାଇଁ ହରିଶ କୁମାର ମହାପାତ୍ର, ବାଛୁରୀପଡା ପାଇଁ ରାଜେଶ କୁମାର ସାହୁ, ତିଳପଦା ପାଇଁ ବିଶ୍ୱଜିତ ଦେବରଞ୍ଜନ ଜେନା, ଛଚିନାପଦା ପାଇଁ ପ୍ରଦୀପ କୁମାର ଦାସ, ଖଡିକାପଦା ପାଇଁ ମାନସ କୁମାର ପିରଡା ଏବଂ ନଡପୁର ପାଇଁ ଗଙ୍ଗାଧର ମହାତି ପ୍ରମୁଖଙ୍କୁ ନୂତନ ସିଆରସିସି ଭାବେ ନିଯୁକ୍ତି ଦିଆଯାଇଛି । ଗୁରୁବାର ବେତନଟୀ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ ନୂତନ ସିଆରସିସି ପ୍ରମୁଖ ବିଇଓ ବିପ୍ଳବ କରଙ୍କୁ ସାକ୍ଷାତକରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ବାଲିଆପାଳରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ: ବଢୁଛି ଲୋକଙ୍କ ଦୁର୍ଦ୍ଦଶା



ବାଲିଆପାଳ , ୧୧/୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ତୃତୀୟ ବନ୍ୟାରେ ଆଜି ଦ୍ୱିତୀୟ ଦିନରେ ବି ବନ୍ୟାସ୍ଥିତ ଅପିବର୍ତ୍ତିତ । ରାଜଘାଟଠାରେ ଏହି ନଦୀର ଜଳସ୍ତର ଆଜି ସଂନ୍ଧ୍ୟା ସୁଦ୍ଧା ୧୦.୨୩ ମିଟରରେ ପ୍ରବାହିତ ହଉଛି । ତେବେ ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ଆଜି ସକାଳଠାରୁ ଜଳ ପଉନ ବୃଦ୍ଧିପାଇଛି । ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗ୍ରାମରେ ବନ୍ୟା ଜଳ ଭରି ରହିଛି। ବାହାରକୁ ବାହାରିବାକୁ ହେଲେ ଆଣ୍ଠୁଏ ପେଟାଏ ପାଣି । ଆଜି ପ୍ରଶାସନ ପକ୍ଷରୁ ଚୌଧୁରୀକୁଦ, ବିଷ୍ଣୁପୁର, କୁହୁଳଚଡ, ତାଳପଦା, ପ୍ରଭୃତି ୧୦ଟି ସ୍ଥାନରେ ପାଓାର ବୋଟ ପଡିଥିବା ବେଳେ ୮ଟି ଦେଶୀ ଡଙ୍ଗା ପଡିଛି । ତେବେ ବନ୍ୟା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଛି । ଅନେକ ଘରେ ଚୁଲି ଜଳି ପାରୁନାହିଁ । ଭୋକ ଉପବାସରେ ଦିନ କାଟୁଛନ୍ତି । ଆଜି ମଧ୍ୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଶୁଖିଲା ଖାଦ୍ୟ କିମ୍ବା ପିଇବା ପାଣି ମିଳୀ ନାହିଁ । ତେବେ ବନ୍ୟାରେ ପିଇବା ପାଣି ସମସ୍ୟା ନେଇ ବାରମ୍ବାର ଲୋକଙ୍କ ଅଭିଯୋଗ ପରେ ମଧ୍ୟ ପ୍ରଶାସନର ନିନନ୍ଦ ଭାଙ୍ଗୁ ନାହିଁ । ଲୋକଙ୍କ ପାଇଁ ଆସୁଥିବା ପିଇବା ପାଣି ଲୋକଙ୍କ ପାଖରେ ନପହଂଚି ବାଟମାରଣା ହେଉଥିବା ଅଭିଯୋଗ ହୋଇଛି । ସେହିପରି ଗତ ୧୫ ଦିନ ଧରି ଗୃହପାଳିତ ପଶୁ ପଦାକୁ ବାହାରି ପାରିନାହାନ୍ତି । ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡିଛି । ପୂର୍ବ ବନ୍ୟା ୭ ଦିନ ପାଇଁ ଘୋଷଣା ହୋଇଥିବା ରିଲିଫ ମଧ୍ୟ ଲୋକଙ୍କ ପାଖରେ ପହଂଚିପାରିନାହିଁ । ବନ୍ୟା ପାଣି ସଂପୂର୍ଣ୍ଣ ଛାଡିଯିବା ପରେ ଗଣ୍ଡିର ବୀଭୀନ୍ନ ରୋଗ ବ୍ୟାପିବାର ଆଶଙ୍କା ଥିବାରୁ ବନ୍ୟା ପ୍ରଭାବିତ ଅଂଚଳରେ ସ୍ୱାସ୍ଥ୍ୟବିଭାଗର ଟିମ ଯୋଗାଇବା ସହ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବା ପାଇଁ ଦାବି ହୋଇଛି ।

ଚଉମୁଖ ଡଗରା ସମୁଦ୍ର ତଟରେ ନାଲି ନୀଳ ରଙ୍ଗ କଙ୍କଡା ଓ ଅଲିଭ ରିଡିଲେ କଇଁଛଙ୍କ ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେଉ

ଲଙ୍ଗଳେଶ୍ୱର, ୧୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱର ବନ ବିଭାଗ ଅଧିନସ୍ତ ଚୌମୁଖ,ଡଗରା ସମୁଦ୍ର ବେଳଭୂମି ବିଗତ କେତେବର୍ଷ ହେବ ଅଲିଭ ରିଡଲେ କଇଁଛ ଓ ନାଲି କଙ୍କଡାଙ୍କ ଅଣ୍ଡା ଦାନ ସ୍ଥଳୀ ପାଲଟିଛି । ବର୍ଷକୁ ଶହ ଶହ ଅଲିଭ ରିଡ଼ଲେ କଇଁଛ ପର୍ଯ୍ୟାୟ କ୍ରମେ ଏଠାକୁ ଆସି ଅଣ୍ଡା ଦେଇ ପୁଣି ସମୁଦ୍ରକୁ ଫେରି ଯାଉଛନ୍ତି । ଅଣ୍ଡା ଦାନର ପାଖପାଖି ଦୁଇମାସ ମଧ୍ୟରେ ଅଣ୍ଡାରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଚାଲିଯାଆନ୍ତି। ଡଗରା ଚୌମୁଖ ସମୁଦ୍ର ବେଳାଭୂମି ଅଲିଭ ରିଡଲେ କଇଁଛର ଅଣ୍ଡା ଦାନର ଉପଯୁକ୍ତ ସ୍ଥାନ ହୋଇଥିଲେ ମଧ୍ୟ ଚଳିତ ବର୍ଷ ବହୁ କମ ସଂଖ୍ୟକ ଅଲିଭ ରିଡଲେ କଇଁଛ ଅଣ୍ଡା ଦେବାକୁ ଆସିଥିଲେ। ସମୁଦାୟ ୧୨ ଟି ପର୍ଯ୍ୟୟରେ ଶତାଧିକ ଅଣ୍ଡା ବନବିଭାଗ ସଂଗ୍ରହ କରିଥିବା କଥା ଫରେଷ୍ଟ ଗାର୍ଡ ପ୍ରକାଶ କରିଛନ୍ତି। ପ୍ରଥମେ ଅଣ୍ଡା ଗୁଡିକୁ ସଂଗ୍ରହ କରାଯାଇ ଅସ୍ଥାୟୀ ହେଚେରୀରେ ୫୨ଦିନ ରଖାଯିବା ପରେ ସେଥିରୁ ଛୁଆ ବାହାରେ । ପରେ ଛୁଆ ଗୁଡ଼ିକୁ ସମୁଦ୍ରରେ ଛଡାଯାଇଥାଏ। ତେବେ ଚଳିତ ବର୍ଷ ଡଗରା ବନବିଭାଗର ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଳ୍ପ ସଂଖ୍ୟକ ଅଲିଭ ରିଡ଼ଲେ କଇଁଛ ଶାବକମାନଙ୍କୁ ସମୁଦ୍ରରେ ଛାଡିଥିଲେ । ଅବହେଳାରୁ ବହୁ କଇଁଛ ଧୀବର ମାନଙ୍କ ଜାଲ ରେ ପଡି ମୃତ୍ୟୁ ବରଣ କରିଛନ୍ତି। ସେହିପରି ନୀଳ ରଙ୍ଗ କଙ୍କଡା ମଧ୍ୟ ଏହି ବେଳାଭୂମି ଓ ସମୁଦ୍ରରେ ଏବେ ବହୁ ସଂଖ୍ୟାରେ ଦେଖା ଯାଉଛନ୍ତି। ଏହି କଙ୍କଡାଙ୍କ ରକ୍ତରୁ ବହୁ ଦୁର୍ମୁଲ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ ହେଉ ଥିବାରୁ ଏହି କଙ୍କଡାଙ୍କ ସୁରକ୍ଷା ଏବେ ଜରୁରୀ ହୋଇ ପଡିଛି। ପ୍ରକୃତି ପ୍ରେମୀଙ୍କ ପାଇଁ ମଧ୍ୟ ଏହା ଶୁଭ ସୂଚନା।ଏହି ବେଳାଭୂମିର ମାଳ ମାଳ ନାଲି କଙ୍କଡାଙ୍କ ସମାବେଶ ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିଥାଏ। ସମୁଦ୍ର ବାଲିରେ ଫୁଟେ ଦୁଇ ଫୁଟ ଗାତ କରି ରହୁଥିବା ନାଲି କଙ୍କଡା ପର୍ଯ୍ୟଟକଙ୍କ ସହିତ ଖୁବ ଲୁଚକାଳି ଖେଳ ଖେଳନ୍ତି। ଠିକ ସନ୍ଧ୍ୟା ସମୟକୁ ଏହି କଙ୍କଡା ଗୁଡିକ ସମୁଦ୍ର ତଟ ଜଳ କୁ ଯାଇ ଖେଳି ବୁଲନ୍ତି। ଏହା ମଧ୍ୟ ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରେ। ପ୍ରକୃତିର ଏହି ବିଚିତ୍ର ସମାବେଶ ଆଜି କିଛି ମୁଷ୍ଟିମେୟ ଲୋକ ଓ ବନ ବିଭାଗର ଅବହେଳାରୁ ଧ୍ୱଂସ ମୁଖରେ। ଉଚ୍ଚ କତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଗଗନ ଧଳ, ସୁବଳ ମଣ୍ଡଳ, ଦୈତାରୀ ମଣ୍ଡଳ, ଘନଶ୍ୟାମ ଦାସ, ସୁମତୀ ବ୍ୱର୍ତ୍ତା, ଜଳଧର ବେହେରା, ଗୁଣାକର ବେହେରା, ମୃତ୍ୟୁଞ୍ଜୟ ସାମଲ, ରତ୍ନାକର ଦାସ ପ୍ରମୁଖ ଦାବି କରିଛନ୍ତି।

ଡଗରା ବେଳାଭୂମିରେ ବଙ୍ଗୀୟ ଦମ୍ପତିଙ୍କୁ ଅସଦାଚରଣ ମାମଲା: ସୁରକ୍ଷା ଦାବି କଲା ସୂଚନା ଅଧିକାର ଅଭିଯାନ ସଙ୍ଘ



ବାଲିଆପାଳ , ୧୧/୭ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବାଲିଆପାଳ ବ୍ଲକ୍ ର ଚଉମୁଖ ଠାରୁ ଜମ୍ବିରାଇ ପର ?ର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଦୀର୍ଘ ୧୫ କିମି ବେଳାଭୂମି ଅତ୍ୟନ୍ତ ମନୋରମ। ପର୍ଯ୍ୟଟକ ମାନଙ୍କୁ ଆକର୍ଷଣ କରୁଛି ଏଠାରେ ଥିବା ଲକ୍ଷ ଲକ୍ଷ ନାଲି କଙ୍କଡା,ସମତଳ ବେଳାଭୂମି ଓ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ । ହେଲେ ଏଠାରେ ବିଭିନ୍ନ ଅବ୍ୟବସ୍ଥା ସାଙ୍ଗକୁ ଏବେ ଆଇନ ଶୃଙ୍ଖଳା ଓ ସୁରକ୍ଷା ଏକ ବଡ ପ୍ରଶ୍ନବଚୀ ସୃଷ୍ଟି କରିଛି । ଗତ ରବିବାର ଏହି ବେଳାଭୂମିରେ କିଛି ଅସାମାଜିକ ଯୁବକ ଏକ ବଙ୍ଗୀୟ ଦମ୍ପତିଙ୍କୁ ଅସଦାଚରଣ କରିବା ସହିତ ଟଣା ଘୋଷରା କରିଥିଲେ । ସନ୍ଧ୍ୟାରେ ଉଭୟ ଦମ୍ପତି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କିନ୍ତୁ ଚୁପ ବସିଥିଲା । ମାତ୍ର ମଙ୍ଗଳବାର ସେହି ଘଟଣାର ଭିଡିଓ ଭାଇରଲ ହେବାପରେ ଦୁଇ ଜଣ ଯୁବକକୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି । ବାରମ୍ବାର ଏହି ସ୍ଥାନୀୟ ଅସାମାଜିକ ଯୁବକ ମାନେ ମଦ୍ୟ ପାନ କରିବା ସହିତ ବାହାରୁ ଆସୁଥିବା ମହିଳା ଓ ପୁରୁଷ ପର୍ଯ୍ୟଟକଙ୍କୁ ହଇରାଣ କରିବା ସହିତ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେବି ପୋଲିସ ଏଠି ଚୁପ୍ ବସିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ପାଲଟିଛି । ପୋଲିସ ପକ୍ଷରୁ କୌଣସି ପେଟ୍ରୋଲିଂ ବ୍ୟବସ୍ଥା ନାହିଁ କି କିଛି ଅସୁବିଧା ହେଲେ ପୋଲିସ ଘଟଣା ସ୍ଥଳରେ ପହଁଚୁ ନାହିଁ । ଯାହା ଫଳରେ ବେଳାଭୂମିକୁ ଯିବା ପାଇଁ ପର୍ଯ୍ୟଟକ ନିଜକୁ ଏବେ ଅସୁରକ୍ଷିତ ମଣୁଛନ୍ତି । ତେବେ ପର୍ଯ୍ୟଟକଙ୍କ ସୁରକ୍ଷା ସହିତ ତୁରନ୍ତ ସେହି ଫେରାର ଥିବା ଅସାମାଜିକ ଯୁବକଙ୍କୁ ତୁରନ୍ତ ଗିରଫ ଦାବିରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ପକ୍ଷରୁ ତହସିଲଦାର ଜ୍ୟୋସ୍ନା ରାଣୀ ନାୟକଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ ଦିନରେ ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସାରା ଦେଶରେ...

ଏବେ ଓଡ଼ିଶାରେ ୪୦ ହଜାର ମହିଳା ନିଖୋଜ ଅଛନ୍ତି। କିନ୍ତୁ ସରକାରଙ୍କ ଏନେଇ କିଛି ଯାଏ ଆସେ ନାହିଁ। ଆମେ ତେଲେଙ୍ଗାନାରେ ଜାତି ଜନଗଣନା କରାଇଲୁ। ଭଲ ରେଜଲୁ ଆସିଲା। ଓଡ଼ିଶାରେ ପଛୁଆ ବର୍ଗ ଅବହେଳିତ। ମୁଁ ଭକ୍ତ ଦାସଙ୍କୁ କହିଛି ଲୋକଙ୍କୁ ବୁଝାଅ, ଜାତି ଜନଗଣନା କେତେ ଗୁରୁତ୍ୱପୂର୍ଣ୍ଣ। ବିଜେପି ସରକାର ଡ୍ରାଇଭର୍ ସଂଘ ଉପରେ ଚାପ ପକାଇ ଡରାଇଲେ। ହେଲେ ମୁଁ ଧନ୍ୟବାଦ ଦେଉଛି ସେମାନେ ଏହି କାର୍ଯ୍ୟକ୍ରମକୁ ସଫଳ କଲେ। ଡ୍ରାଇଭର୍ ସଂଘର ସମସ୍ତ ଦାବି ପୂରଣ ହେବା ଦରକାର ବୋଲି କହିଛନ୍ତି ରାହୁଲ। ରାହୁଲ ଗାନ୍ଧୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ ଉପରେ ବର୍ଷିଲା ବିଜେପି। ଏହା ସମ୍ବିଧାନ ବଞ୍ଚାଓ ଅଭିଯାନ ନୁହେଁ, କଂଗ୍ରେସ ବଞ୍ଚାଅ ଅଭିଯାନ। ପ୍ରେସମିଟରେ ବିଜେପି କହିଛି, କଂଗ୍ରେସ ଆକ୍ଷେପ ଦର୍ଶାଉଛି ରାଜ୍ୟରେ କଂଗ୍ରେସ ଆଜି ବି ହତାଶା ଭିତରେ ରହିଛି। ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଛି। କଂଗ୍ରେସ ଗଣତନ୍ତ୍ରର କଥା କହିବା, ନିଜେ କାଚଘରେ ରହି ଅନ୍ୟକୁ ପଥର ଫୋପାଡିବା ସହ ସମାନ।

ଡବଲ ଇଞ୍ଜିନ ସରକାର...

ଭାଜପା କିଛି କାମ ନକରି କେବଳ ଦେଶର ସମ୍ପଦ ବିକ୍ରି କରିବାରେ ଲାଗିଛି। “ଭାଜପା କେବଳ ବିକ୍ରି କରିବାରେ ବ୍ୟସ୍ତ। ଡବଲ ଇଞ୍ଜିନ ସରକାର ଗରିବଙ୍କୁ ଲୁଚୁଛି ଓ ଧନୀଙ୍କୁ ସୁବିଧା ଦେଉଛି,” ବୋଲି ଖଡ୍‌ଗେ କହିଛନ୍ତି। ଏହି ସମାବେଶରେ ଖାର୍ଗେଙ୍କ ବକ୍ତବ୍ୟ ଭାଜପା ସରକାରଙ୍କ ବିରୁଦ୍ଧରେ ଜନଅସନ୍ତୋଷକୁ ଆହୁରି ଜୋରଦାର କରିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଦିଲ୍ଲୀରେ ମୋହନ...

ଦିଲ୍ଲୀ ଗସ୍ତ, ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ମନମୋହନ ସାମଲଙ୍କ ଏହି ପ୍ରତିକ୍ରିୟାରୁ ସ୍ପଷ୍ଟ ହେଉଛି, ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ରୂପରେଖ ପ୍ରସ୍ତୁତ ହେବ । ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଫାଇଲେ ଏବେ ଦିଲ୍ଲୀ କୋର୍ଟରେ। ସଂଗଠନକୁ ଅଣଦେଖା ନକରି ହୁଏତ ମନ୍ତ୍ରିମଣ୍ଡଳ ସଂପ୍ରସାରଣରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଇପାରେ ଦିଲ୍ଲୀ । କେନ୍ଦ୍ର ନିର୍ଦ୍ଦେଶରେ ହିଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ, ତେଣୁ ମୋହନ

ଶନିବାର, ଜୁଲାଇ ୧୨, ୨୦୨୫


ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପ୍ରୋତ୍ସାହନ ଓ ବୋନସ ଅର୍ଥ ନେବେ ନାହିଁ : ବିଡିଓଙ୍କୁ ଲିଖିତ ଭାବେ ପ୍ରତିବାଦ ଜଣାଇଲେ ଏମବିକେ, ସିଆରପି

ଖଇରା, ୧୧/୭ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରଦର୍ଶନ ପ୍ରୋତ୍ସାହନ ଓ ବୋନସ ଅର୍ଥ ନନେବାକୁ ବାଲେଶ୍ୱର ଜିଲା ଖଇରା ବ୍ଲକ ୩୭ ପଞ୍ଚାୟତର ସିଆରପି,ଏମବିକେ ଓ ଅନ୍ୟାନ୍ୟ ଗୋଷ୍ଠୀ ସହାୟିକା କର୍ମଚାରୀ ମାନେ ବିଡିଓ ନାରାୟଣ ସାହୁଙ୍କୁ ଲିଖିତ ଭାବେ ପ୍ରତିବାଦ କରିଛନ୍ତି । ସେମାନଙ୍କର ଅଭିଯୋଗ ଅନୁଯାୟୀ ପୁର୍ବରୁ ୧୩ ବର୍ଷ ଧରି ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘରେ କାର୍ଯ୍ୟରତ ଗୋଷ୍ଠୀ ସହାୟିକା କର୍ମଚାରୀ,ଏମବିକେ ଓ ସିଆରପି ମାନଙ୍କୁ ସ୍ଥିର ଦରମା ଦିଆଯାଉଥିଲା । ଏବେ କାର ରାଜ୍ୟ ସରକାର ସ୍ଥିର ଦରମା ପରିବର୍ତ୍ତେ ପ୍ରଦର୍ଶନ ପ୍ରୋତ୍ସାହନ ଓ ବୋନସ ଅର୍ଥ ପ୍ରଦାନ ପାଇଁ ଚିଠି କରିଛନ୍ତି । ଅର୍ଥାତ ଯେତିକି କାମ ସେତିକି ପାରିଶ୍ରମିକ ବ୍ୟବସ୍ଥାକୁ ଜିପଏଲଏଫରେ କାର୍ଯ୍ୟରତ କର୍ମଚାରୀ ମାନେ ଅଗ୍ରାହ୍ୟ କରିଛନ୍ତି । ପୁର୍ବପରି ସ୍ଥାୟୀ ଦରମା ପ୍ରଦାନ ପାଇଁ ସଞ୍ଚୟିକା ମହାସଂଘର ଏମବିକେ ନିରୁପମା ନାୟକ, ସିଆରପି ରାଧାରାଣି ନାୟକ,ଗାୟତ୍ରୀ ଦାସ,ପ୍ରଭାତ ନଳିନୀ ଦାସ, କାଞ୍ଚନ ମହାରଥା, ଜ୍ୟୋସ୍ନାରାଣୀ ସାହୁ, ସୂର୍ଯ୍ୟମଣି ତ୍ରିପାଠୀ ଓ ପୂର୍ଣ୍ଣପ୍ରଭା ମଢୁଆଳ ପ୍ରମୁଖଙ୍କ ତରଫରୁ ପ୍ରଥମେ ଦାବୀପତ୍ର ଦିଆଯାଇଥିଲା । ପରେ ଅନ୍ୟ ୩୬ ପଞ୍ଚାୟତ ରେ ଏମବିକେ ଓ ସିଆରପିଙ୍କ ସହ କାର୍ଯ୍ୟରତ ବ୍ୟାଙ୍କମିତ୍ର, ପ୍ରାଣିମିତ୍ର, କୃଷିମିତ୍ର, ଏଲଏସପିଙ୍କ ଦ୍ୱାରା ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଭଦ୍ରକରୁ ସିତାଂସୁଙ୍କ ମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର



ଭଦ୍ରକ, ୧୧/୭ (ନି.ପ୍ର): ଖୁବଶୀଘ୍ର ବଦଳିବ ରାଜ୍ୟ ମନ୍ତ୍ରୀ ମଣ୍ଡଳର ରୂପରେଖ, ବିଭାଗ ଅଦଳବଦଳ ସହ ପୂରଣ ହେବ ଖାଲିଥିବା ମନ୍ତ୍ରୀ ପଦ। ତେବେ ଏ ନେଇ ରାଜନୈତିକ ମହଲରେ ଆରମ୍ଭ ହୋଇଛି ଅଙ୍କକଷା, କିଏ ହେବ ନୂଆ ଚେହେରା। ତେବେ ଏହି ଚର୍ଚ୍ଚା ଭିତରେ ସରଗରମ ହୋଇଛି ଭଦ୍ରକ ରାଜନୈତିକ ମାହୋଲ। ଅର୍ଥାତ ଭଦ୍ରକ ଜିଲ୍ଲାକୁ ମିଳିପାରେ ଆଉ ଏକ ମନ୍ତ୍ରୀ ପଦ। ସିଧାସଳଖ ଯଦି କହିବା ନୂଆ ମନ୍ତ୍ରୀ ମଣ୍ଡଳର ନୂଆ ଚେହେରା ହୋଇ ପାରନ୍ତି ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର। ନିର୍ମଳ ଭାବମୂର୍ତ୍ତି, ଉତ୍ତମ କାର୍ଯ୍ୟଶୈଳୀ ଏଥିସହ ସମ୍ବେଦନଶୀଳ ଭଦ୍ରକ ଜିଲ୍ଲାରେ ଦଳକୁ ବିରାଟ ବିଜୟ ଓ ରାଜନୈତିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି।

ଶ୍ରୀଶ୍ରୀ ଶିରିଡ଼ି ସାଇ ଅର୍ଚ୍ଚନା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର: ୭୩ ୟୁନିଟ ରକ୍ତ ସଂଗ୍ରହ



ଜଳେଶ୍ୱର, ୧୧/୭ (ନି.ପ୍ର): ଜଳେଶ୍ୱର ଚନ୍ଦନା ସ୍ଥିତ ଶ୍ରୀଶ୍ରୀ ଶିରିଡ଼ି ସାଇ ଅର୍ଚ୍ଚନା ଟ୍ରଷ୍ଟ ଓ ରୋଟାରୀ କ୍ଲବ ଜଳେଶ୍ୱର ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଗୁରୁ ପୂର୍ଣ୍ଣିମା ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶିରିଡ଼ି ସାଇ ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଅଛି । ଓଡ଼ିଶାରେ କୌଣସି ବ୍ୟକ୍ତି ରକ୍ତ ଅଭାବରୁ ମୃତ୍ୟୁ ନ ହେବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ୍ ଜଳେଶ୍ୱର,ସାଇ ଅର୍ଚ୍ଚନା ଟ୍ରଷ୍ଟ ମିଳିତ ସହଯୋଗରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।ଶିବିରକୁ ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ କୁମାର ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ତଥା ଯୁବନେତା ରାଜେଶ କୁମାର ଖଟୁଆ,ଜିଲ୍ଲା ଉତ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଗୁରୁ ପୂର୍ଣ୍ଣିମା ଭଳି ପବିତ୍ର ଦିନରେ ଏପରି ଶିବିର ଆୟୋଜନକୁ ପ୍ରଶଂସା କରିଥିଲେ।ଟ୍ରଷ୍ଟ ଓ ରୋଟାରୀ କ୍ଲବ୍ ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ତଥା ରୋଟାରି କ୍ଲବ ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ରୋଟାରୀ କ୍ଲବ ସମ୍ପାଦକ ଅଂଶୁମାନ ରାଉତ, କୋଷାଧ୍ୟକ୍ଷ ତଥା ପୂର୍ବତନ ସଭାପତି ବିକାଶ କୁମାର ଧରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ଦିଲ୍ଲୀପ କୁମାର ପାତ୍ର, ଟେକ୍ନିସିଆନ ଦେବାଶିଷ ଦତ୍ତ, ବିଜୟ କୁମାର ପଟ୍ଟନାୟକ, ରାଜେଶ ମିଶ୍ର, ହେମଲତା ସେଠୀ ପ୍ରମୁଖ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବିଶ୍ୱଜିତ ସାହୁ, ରବୀନ୍ଦ୍ର ଦାସ, ଲିଙ୍ଗି ଗିରି, ତପନ ପାତ୍ର,ସୌମ୍ୟସାଗର କାମିଳା, ଅଶୋକ କୁମାର ମହାନ୍ତି,ପ୍ରଶାନ୍ତ ସାମଲ, ଅକ୍ଷୟ ଜେନା, ପ୍ରଭାସ ସାହୁ, ମନୋରଞ୍ଜନ ମହାନ୍ତି, ସାଧୁ ଚରଣ ପରିଡ଼ା, ରବୀନ୍ଦ୍ର ନାଥ ଧଳ, ଶୁଭମ୍ ମିଶ୍ର, ତାରାଚାନ୍ଦ ସାହୁ, ସଚିନ ଶର୍ମା,ରାକେଶ ବାରିକ, ଶୁଭମ୍ ପ୍ରଧାନ, ଦେବଜିତ୍ ପ୍ରଧାନ, ପ୍ରବୀର କୁମାର ପ୍ରଧାନ, ସୂର୍ଯ୍ୟାନନ୍ଦ ପାଳ, ରାଜ କିଶୋର ଦୁଇ, ଶ୍ୟାମସୁନ୍ଦର ମିର୍ଦ୍ଧା, ନନ୍ଦନ ଦତ୍ତ, ସତ୍ୟନାରାୟଣ ସିଂ, ସୁବିର ଚାଟାର୍ଜୀ,ସନ୍ୟାସୀ ପରିଡ଼ା, ଦୀପ୍ତିରାଣୀ ନନ୍ଦୀ, ରିଙ୍କି ଗିରି, ସମ୍ବାଦ ଉତ୍ତର ବାଲେଶ୍ୱର ପ୍ରତିନିଧି ସତ୍ୟବ୍ରତ ପ୍ରଧାନ ଏବଂ ଉତ୍ତର ଓଡ଼ିଶା ସଂସ୍କରଣର ଆମ ଓଡ଼ିଶା ସଂଯୋଜକ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ। ଜିଲ୍ଲା ରକ୍ତଦାତା ସଂଘର ଉପ ସଭାପତି ତଥା ରୋଟାରିଆନ ସୁବ୍ରତ କୁମାର ରଣା ରକ୍ତଦାତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଥାନାରୁ ୨ ଶହ ମିଟର ଦୂରରେ ଡକାୟତି: ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ଲୁଟିନେଲେ

ସିସି କ୍ୟାମେରାରେ ଚୋରିର ଦୃଶ୍ୟ କଏଦ

ବେତନଟୀ, ୧୧/୭ (ନି.ପ୍ର): ବେତନଟୀ ବ୍ଲକ ବୈଶିଙ୍ଗା ଥାନାରୁ ମାତ୍ର ୨ ଶହ ମିଟର ଦୂର ବୈଶିଙ୍ଗା ବଜାରର ଜନଗହଳିପୂର୍ଣ୍ଣ ସ୍ଥାନରୁ ଗୁରୁବାର ଦିନ ଦ୍ୱିପ୍ରହରରେ ହୋଇଛି ଡକାୟତି । ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଚରଣ ଭୂୟାଁଙ୍କ ଗାଡ଼ି ଡିକିରି ଭାଙ୍ଗି ନଗଦ ୨ ଲକ୍ଷ ଟଙ୍କା ଲୁଟ୍ କରି ଚମ୍ପଟ ମାରିଛନ୍ତି ୨ଜଣ ଦୁର୍ବୃତ୍ତ । ବୈଶିଙ୍ଗା ଗ୍ରାମର ଶ୍ରୀ ଭୂୟାଁଙ୍କ ଅଭିଯୋଗ ମୁତାବକ; ସେ ଗୁରୁବାର ଦିନ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବୈଶିଙ୍ଗା ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ନିଜର ଓଡି-୦୧ଏଡି-୪୭୩୮ନଂ ବିଶିଷ୍ଟ ବାଇକ ଡିକିରେ ରଖିଥିଲେ। ପରେ ବୈଶିଙ୍ଗା ବଜାର ଗଳାପୋଲ ନିକଟସ୍ଥ ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ପାଇପ୍ ଦୋକାନ ସମ୍ମୁଖରେ ବାଇକ୍ ରଖି ଦୋକାନକୁ କିଣାକିଣି କରିବାକୁ ଯାଇଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ବାଇକ୍‌ ?ରେ ଆସି ଧଳା ହେଲମେଟ ପିନ୍ଧି ଅତ୍ୟନ୍ତ ଚତୁରତାର ସହିତ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟିନେଇ ଚମ୍ପଟ ମାରିଥିଲେ। ଶ୍ରୀ ଭୂୟାଁ ୧୦ ମିନିଟ୍ ପରେ ଫେରିବା ବେଳକୁ ଟଙ୍କା ଲୁଟ୍ ହୋଇ ସାରିଥିଲା। ପାଖରେ ଥିବା ଏକ ଦୋକାନ ସିସିଟିଭିରେ ଚୋରି ବେଳର ଦୃଶ୍ୟ କଏଦ ହୋଇଛି । ଶ୍ରୀ ଭୂୟାଁ ଏନେଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ସବଇନ୍ସପେକ୍ଟର ଦେବାଶିଷ ମଣ୍ଡଳ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି । ପ୍ରକାଶ ଥାଉ କି; କିଛିଦିନ ପୁର୍ବରୁ ଠିକ୍ ସେହି ସମାନ ସ୍ଥାନରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ କରିବାକୁ ଉଦ୍ୟମ କରିଥିଲେ ଦୁର୍ବୃତ୍ତ ।

ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିଲେ ଜିଲ୍ଲା ବିଚାରପତି

ଖଇରା, ୧୧/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଅସ୍ଥାୟୀ କୋର୍ଟ ଖୋଲିବାକୁ ୨୦୨୨ରୁ ଘୋଷଣା ହୋଇସାରିଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହୋଇ ପାରିନାହିଁ । ପ୍ରଥମେ ଖଇରା ବ୍ଲକ ରାଜିବ ଗାନ୍ଧୀ ଭବନରେ ଚଲାଇବାକୁ ନିଷ୍ପତ୍ତି ନିଆଯାଇଥିଲେ ହେଁ ଭିତ୍ତିଭୂମି ପ୍ରସ୍ତୁତିରେ ବିଳମ୍ବ ଯୋଗୁଁ ଏହା ଖୋଲିପାରିନାହିଁ । ଶୁକ୍ରବାର କାର୍ଯ୍ୟ ଅଗ୍ରଗତିର ସମୀକ୍ଷା ଓ ପରିଦର୍ଶନ ପାଇଁ ଜିଲା ବିଚାରପତି ସତ୍ୟନାରାୟଣ ମିଶ୍ର ଙ୍କ ନେତୃତ୍ୱରେ ଏକ ଟିମ ଖଇରା ବ୍ଲକ ଗସ୍ତ କରିଥିଲେ । ଉକ୍ତ ଟିମରେ ଏଡିଏମ ସୁଧାକର ନାୟକ, ରେଜଷ୍ଟ୍ରାର ଶିତିକଣ୍ଠ ପ୍ରଧାନ ସାମିଲଥିବା ବେଳେ ଖଇରା ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ପରେ ଏହି ଟିମ ସ୍ଥାୟୀ କୋର୍ଟ ପାଇଁ କୋଟିଆକୋଇଲି ଠାରେ ନିଆଯାଇଥିବା ଯାଗାକୁ ଅନୁଧ୍ୟାନ କରିଥିଲେ ।

ଗୁରୁ ପୂର୍ଣ୍ଣିମାରେ ସଦ୍‌ଭାବନା ସମିତିର ୫୫ୀତମ ସନ୍ଥ ଦିବସ



ବାରିପଦା, ୧୧/୭ (ନି.ପ୍ର): ଗୁରୁପୂର୍ଣ୍ଣିମା ଅବସରରେ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନରେ ୫୫ୀତମ ସନ୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଦିବସରେ ସମିତି ସଦସ୍ୟ ପ୍ରାଜ୍ଞ ଅଧକ୍ଷ ସନ୍ଦିପ କୁମାର ଚାନ୍ଦ ପୌରହିତ୍ୟ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ଏବେ ଘରେ ଘରେ ରାମାୟଣ ଘରେ ଘରେ ମହାଭାରତ' ପ୍ରସଙ୍ଗ ଉପରେ ଆଲୋଚନା ରଖାଯାଇଥିଲା। ପ୍ରାରମ୍ଭରେ ଏ ମାସରେ ଭୂମିଷ୍ଠ ବ୍ୟାସଦେବ ଓ ଚାଣକ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଘରକୁ ଯୌବନର ଉପବନ ଏବଂ ବାର୍ଦ୍ଧକ୍ୟର ବାରାଣସୀ ମାନି ସରଳ ନିରଳସ ଜୀବନ ଧାରା ଘରକୁ ବୈକୁଣ୍ଠ ସମାନ କରି ଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଓଡିଶାରେ ମାନବ ଧର୍ମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଘରର ମୁରବୀ ଜଳରେ ପଦ୍ମପତ୍ର ସରି ବୈରାଗ୍ୟ ଭାବକୁ ଆପଣେଇ ଆକଟ ନ ରଖିଲେ ଘର ରାମାୟଣ ମହାଭାରତର ପୀଠ ପାଲଟିଯାଏ ବୋଲି ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟକ ଭାବେ ପୂର୍ବତନ ପିସିସିଏଫ ତଥା ଲୋକପାଳ ସଦସ୍ୟ ଦେବବ୍ରତ ସ୍ୱାଇଁ ଘର ଏକ ବଞ୍ଚନା ଏବଂ ସଂସ୍କାର ନଥାଇ ଯେ କୌଣସି ଘର ଗୃହସ୍ଥାଶ୍ରମ ନୁହେଁ ଦୁଃଖଦାୟକ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ ବର୍ଷିୟାନ୍ ସାୟାଦିକ ଡ ବିଜୟ କୁମାର ଅଗରୱାଲା ଘରେ ପିତାମାତାଙ୍କ ମଧୁର ଆଦର ଆଶିଷର ଅଭାବ ହେଲେ ସେ ଘରେ ରାମାୟଣ ମହାଭାରତ ସ୍ୱାଭାବିକ୍ ବୋଲି ବାର୍ତ୍ତା ରଖିଥିଲେ। ଏହି ଦିବସରେ ପ୍ରଜାପିତା ବ୍ରହ୍ମକୁମାରୀ, ସତ ସଙ୍ଗ ବିହାର, ଠାକୁର ନିଗମାନନ୍ଦ, ଗାୟତ୍ରୀ ପରିବାର, ମୁନିସମାଜ, ସତ୍ୟସାଇ ସେବା ସଂସ୍ଥାନ, ବିବେକାନନ୍ଦ କେନ୍ଦ୍ର, ଖାଲସାପନ୍ଥ, ଇସ୍‌ଲାମ୍ ଶାଖା, ଇସାଇ ଶାଖାର ସଦସ୍ୟ ବର୍ଗ ଅଂଶଗ୍ରହଣ ପୂର୍ବକ ନିଜନିଜର ବକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଅତିଥିଙ୍କୁ ସ୍ୱାଗତ ଓ ଧନ୍ୟବାଦ ଦେଇଥିଲେ ।

ଉତ୍କଳ ସାମ୍ବାଦିକ ସଂଘର ସାମ୍ବାଦିକ ମିଳନ ଉତ୍ସବ ୨୦୨୫ ପାଳିତ



ଖୋର୍ଦ୍ଧା, ୧୧/୭ (ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖାର ଜିଲା ସାଧାରଣ ବୈଠକ ଓ ସାମ୍ବାଦିକତା ଓ ସାମାଜିକ ମୂଲ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ସଭାପତିତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ରାଜ୍ୟ ସଭାପତି ବିଭୂତିଭୂଷଣ କର ସମ୍ମାନିତ ଅତିଥି, ଶିକ୍ଷାବିତ ଡ.ଧ୍ରେନ୍ଦ୍ର ନନ୍ଦ ମୁଖ୍ୟବକ୍ତା, ମୁଖ୍ୟ ଉପଦେଷ୍ଟା ଯୋଗେଶ ନାୟକ, ଜିଲା ଉପ ସଭାପତି ପ୍ରଦୀପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ବିଧାୟକ ସାହୁ କହିଲେ ଗଣମାଧମ ଯୋଗୁ ଉପାନ୍ତ ଅଞ୍ଚଳ ଖବର ମଧ୍ୟ କିଛି ସମୟ ମଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି। ଦୁର୍ନୀତି, ଅନିତି, ଭ୍ରଷ୍ଟାଚାର ବିରୋଧ ଖବର ପରିବେଷଣ କରି ସରକାର, ପ୍ରଶାସନ ସଚେତନ କରିଥାନ୍ତି । ଆସନ୍ତା ମୌସୁମୀ ଅଧିବେଶନ ରେ ବିଧାନସଭାରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉଠାଇବେ ବୋଲି ପ୍ରତିଶୃତି ଦେଇଥିଲେ। ସଂଘ ରାଜ୍ୟ ସଭାପତି କର କହିଲେ ସାମ୍ବାଦିକ ମାନଙ୍କ ସାମାଜିକ ମୂଲ୍ୟବୋଧ ରହିଛି, ଏଣୁ ସେମାନେ ସମାଜରେ ସାମ୍ବାଦିକତା ଭଳି ଏକ ପେସାକୁ ଆପଣାଇ ନେଇଛନ୍ତି। ଶେଷ ପାହାଚରେ ଥିବା ଲୋକ ଉପକୃତ ହେଲେ ସାମ୍ବାଦିକତା ସାର୍ଥକତା ରହିବ। ସାମ୍ବାଦିକ ପେନସନ ବୀମାରେ ମାତାପିତାଙ୍କୁ ଅନ୍ତର୍ଭୁକ୍ତ, ୬୦ବର୍ଷ ପରେ ସାମ୍ବାଦିକ ଙ୍କୁ ପେନସନ ପ୍ରଦାନ କରିବାକୁ ଦାବି ଉପସ୍ଥାପନ କରାଯିବ। ଭୁବନେଶ୍ୱର ରେ ପ୍ରେସ ଏକାଡେମୀ ସ୍ଥାପନ ପାଇଁ ସରକାର ଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ନନ୍ଦ କହିଲେ ସାମ୍ବାଦିକତାରେ ସ୍ୱଚ୍ଛତା, ନିରପେକ୍ଷତା ଜରୁରୀ। ସାମ୍ବାଦିକତା ସୁଦୃଢ ହେଲେ ସମାଜର ପ୍ରଗତି ହେବ। ସାମ୍ବାଦିକ ମାନଙ୍କ ଜୀବନ ସଂଘର୍ଷମୟ। ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି କହିଛନ୍ତି। ଜିଲା ସମ୍ପାଦକ ଅଜିତ ସାହୁ ଅତିଥି ପରିଚୟ, କୋଷାଧ୍ୟକ୍ଷ ପ୍ରଭାତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ବିକ୍ରମ କେଶରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଦିବଙ୍ଗତ ସାମ୍ବାଦିକ ଉଦ୍ଦେଶ୍ୟ ରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସଦସ୍ୟ ମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ସଂଘ ପକ୍ଷରୁ ଅତିଥି ଙ୍କୁ ମେମୋଣ୍ଟ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଛି।

ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ଗିରଫ ଦାବିରେ ଭଦ୍ରକ ଓକିଲ ସଂଘ ପକ୍ଷରୁ ଭଦ୍ରକ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ



ଭଦ୍ରକ, ୧୧/୭ (ନି.ପ୍ର): ଗତ ଜୁନ୍ ୧୧ ତାରିଖରେ ବାଲେଶ୍ୱର ଜିଲ୍ଲାର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ବାଲେଶ୍ୱର ଅତିରିକ୍ତ ଏସପି ଓ ଡିଏସପି ଙ୍କ ଉପସ୍ଥିତିରେ ବାଲେଶ୍ୱର ଉପଜିଲ୍ଲାପାଳ, ପ୍ରୋବେସନର ମହିଳା ଆଇଏଏସ ସାମଲ କଲ୍ୟାଣ ରାଓ ଭଗତ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣା ସଂପର୍କରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିବା ବେଳେ ଏପର୍ଯ୍ୟନ୍ତ ଏତଲା ରେଜେଷ୍ଟ୍ରି କରାଯାଇନାହିଁ କିୟା ଏହି ଅଭିଯୁକ୍ତ ମହିଳା ଉପଜିଲ୍ଲାପାଳଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବାଲେଶ୍ୱର ପୋଲିସ ପକ୍ଷରୁ ଗ୍ରହଣ କରାଯାଇନାହିଁ । ଏହାର ପ୍ରତିବାଦରେ ଅଭିଯୁକ୍ତ ମହିଳା ଆଇଏଏସ ଅଫିସର ଙ୍କୁ ତୁରନ୍ତ ଗିରଫ କରିବା, କର୍ତ୍ତବ୍ୟରେ ଖିଲାପ କରିଥିବା ସହଦେବଖୁଣ୍ଟା ଥାନାଧିକାରୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଭଦ୍ରକ ଓକିଲ ସଂଘ ପକ୍ଷରୁ ଭଦ୍ରକ ଜିଲ୍ଲା ଜଜ୍ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଓକିଲ ମାନେ କଳାବ୍ୟାଚ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ଆନ୍ଦୋଳନରେ ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ଭଦ୍ରକ ଓକିଲ ସଂଘର ପୂର୍ବତନ ସଂପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ପବନ କୁମାର ଶର୍ମା, ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ଅଲଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ସନ୍ତୋଷ ନାୟକ , ଅଲଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ରାଧାନାଥ ଦାସ, ବିଶିଷ୍ଟ ଆଇନଜୀବୀ ବିଜନ ଯେନା,